## କାର୍ଗିଲ ଦିବସ ପାଳିତ

ଭଦ୍ରକ,(ସନାତନ ରାଉତ): ଶହୀଦ ଭଗତ ସେନା ଓ ଅବସରପ୍ରାପ୍ତ ସୈନିକ ସଂଘର ମିଳିତ ସହଯୋଗରେ ଭଦ୍ରକ ବନ୍ତଛକ ନିକଟସ୍ଥ ତୃପ୍ତି ପ୍ଲାଜାଠାରେ ୨୪ ତମ କାର୍ଗିଲ ଦିବସ ବୁଧବାର ପାଳିତ ହୋଇଯାଇଛି। ଭଗତ ସେନାର ଆବାହକ ସୀତାଂଶୁ ଶେଖର ମହାପାତ୍ର ଓ ଅବସରପ୍ରାପ୍ତ ସୈନିକ ସଂଘର ସଭାପତି ରୋହିତ ରାୟ ଯୋଗଦେଇ କାର୍ଗିଲ ଯୁଦ୍ଧରେ ଭାରତୀୟ ଯବାନଙ୍କ ବଳିଦାନ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଭଗତସେନାର ସଦସ୍ୟ ଓ ଅବସରପ୍ରାପ୍ତ ସୈନିକ ସଂଘର କାର୍ଯ୍ୟକର୍ତ୍ତାମାନେ ଯୋଗଦେଇ ଯବାନ୍‌ମାନଙ୍କର ବୀରତ୍ୱର ବଳିଦାନକୁ ସ୍ମରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ୧୦ ଦିନ ହେଲା ନିଉଦାନୀକୁ ଜଳ ଯୋଗାଣ ବନ୍ଦ

**ବସୁଧା ଯୋଜନା ଦିଗହରା**

■ବିଲ୍ ପଇଠ ନ କରିବାରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ

■ଅନେକ ଗ୍ରାମକୁ ପାଇପ୍ ପଡ଼ିଛି, ପାଣି ଆସୁନି

ହାଟଡ଼ିହୀ,୨୬।୭(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ରେ ବସୁଧା ଯୋଜନା ଦିଗହରା ହୋଇଛି। ଯୋଜନାରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଭିନ୍ନ ପଞ୍ଚାୟତରେ ପ୍ରକଳ୍ପ କରିଛନ୍ତି। ମାତ୍ର ଉପଯୁକ୍ତ ତଦାରଖ ଅଭାବ, ନିମ୍ନମାନର କାର୍ଯ୍ୟ ଯୋଗୁ ଅନେକ ଗାଁକୁ ଜଳ ଯୋଗାଣ ହୋଇପାରୁନି। ଅନେକ ଗ୍ରାମକୁ ମାସ ମାସ ଧରି ପାଇପ୍ ବିଛା ଯାଇଥିଲେ ବି ଜଳ ଯୋଗାଣ ହେଉନି। କେଉଁଠି ବିଦ୍ୟୁତ୍ ବିଲ୍ ପଇଠ ନ ହେବାରୁ ବିଭାଗ ପକ୍ଷରୁ ସଂଯୋଗ ବିଚ୍ଛିନ୍ନ କରିଦିଆଯାଇଛି। ଏପରି ଅଭିଯୋଗ ବ୍ଲକ୍ ଅଧୀନ ସୋସୋ ପଞ୍ଚାୟତରୁ ଆସିଛି। ସୂଚନା ଅନୁଯାୟୀ, ସୋସୋ ପଞ୍ଚାୟତ ଅଧୀନ ୧୧ ରାଜସ୍ୱ ଗ୍ରାମରୁ ୮ ଗ୍ରାମକୁ ବସୁଧା ଯୋଜନାରେ ଜଳ ଯୋଗାଣ ହେଉଛି। ଏ ନେଇ ସୋସୋ, ମରିଚିପଦା, ନିଉଦାନୀ, କାନପୁର, ବେରୁଣପଦି ଗ୍ରାମରେ ବସୁଧା ଯୋଜନାରେ ପ୍ରକଳ୍ପ କରାଯାଇଛି। ନିଉଦାନୀ ପ୍ରକଳ୍ପରୁ ନିଉଦାନୀ ଗ୍ରାମ, କାନପୁର ପ୍ରକଳ୍ପ ଦ୍ୱାରା କାନପୁର, ବେରୁଣପଦି ପ୍ରକଳ୍ପରୁ ଅଁଳାଗଡ଼ିଆ, ଭଡ଼ରାଗଡ଼ିଆ, ବେରୁଣପଦି, କଖାରୁଗଡ଼ିଆକୁ ଜଳ ଯୋଗାଣ ହେଉଛି। କିନ୍ତୁ ବାଲିଆ ଗ୍ରାମକୁ ପାଣି ପାଇପ ସଂଯୋଗ ହୋଇ ନ ଥିବାରୁ ପାନୀୟ ଜଳ ଯୋଗାଣ ହୋଇପାରୁନି। ବେଲମଳା ଏବଂ ଭଅଁରପୁର ଗ୍ରାମକୁ ପାଣି ପାଇପ ସଂଯୋଗ ହୋଇ ମଧ ଜଳ ଯୋଗାଣ ହେଉନି। ନିଉଦାନୀ ପ୍ରକଳ୍ପରେ ବକେୟା ବିଦ୍ୟୁତ୍ ବିଲ ପୈଠ ନ ହେବାରୁ ବିଭାଗ ପକ୍ଷରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଦିଆଯାଇଛି। ଫଳରେ ୧୦ ଦିନ ହେବ ନିଉଦାନୀ ଗ୍ରାମର ପ୍ରାୟ ୩୦୦ ପରିବାର ପାଇପ ଦ୍ୱାରା ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ପୂର୍ବତନ ସୋସୋ ସରପଞ୍ଚ ତ୍ରୈଲୋଚନ ନାୟକ କହିଛନ୍ତି, ପାନୀୟ ଜଳ ଯୋଗାଣ ପ୍ରକଳ୍ପ କରିଦେଇ ଏହାର ରକ୍ଷଣାବେକ୍ଷଣ ଏବଂ ପରିଚାଳନା ଦିଗରେ ସରକାର କି ପ୍ରଶାସନ ଦୃଷ୍ଟି ଦେଉନାହାନ୍ତି। ଫଳରେ ବସୁଧା ଯୋଜନା ଦୀର୍ଘ ସ୍ଥାୟୀ ଭାବେ କାର୍ଯ୍ୟକ୍ଷମ ହୋଇପାରୁନି। ସରପଞ୍ଚ ରାଜୀବ ଦାସ କହିଛନ୍ତି, ନିୟମ ଅନୁସାରେ ପଞ୍ଚାୟତ ଅନୁଦାନରୁ ଯେତିକି ବିଦ୍ୟୁତ୍ ବିଲ ପୈଠ କରିବା କଥା ଆମେ ପୈଠ କରୁଛୁ। କିନ୍ତୁ ବିଦ୍ୟୁତ୍ ବିଲ ଅଧିକ ହେଉଛି। ଆମେ ଅଧିକ ବିଲ କୋଉଠୁ ଆଣିକି ଦେବୁ। ଏ ବାବଦରେ ପଞ୍ଚାୟତ ସମିତି ବୈଠକରେ ଜଣାଇବା ସହ ଅନ୍ୟ ଅଧିକାରୀଙ୍କୁ ବି ଜଣାଇଛୁ। କିନ୍ତୁ ସମସ୍ୟା ଦିଗରେ ଅଦ୍ୟାବଧି କିଛି ସମାଧାନ ହେଉନି।

## ସଂକ୍ଷେପରେ

### ସାହିତ୍ୟିକ ଆଦିତ୍ୟ ମିଶ୍ରଙ୍କ ପରଲୋକ

ଭଦ୍ରକ, ୨୬।୭(ସନାତନ ରାଉତ)

ଭଦ୍ରକ ଜିଲା ଆଖୁଆପଦା ଅଞ୍ଚଳର ଯୁବ ସାହିତ୍ୟିକ ତଥା ଶିକ୍ଷାବିତ୍ ଆଦିତ୍ୟ ନାରାୟଣ ମିଶ୍ରଙ୍କର ସୋମବାର ୫୨ବର୍ଷ ବୟସରେ ପରଲୋକ ହୋଇଯାଇଛି। ଗୁରୁବାର ହଠାତ ଉଚ୍ଚ ରକ୍ତଚାପ କାରଣରୁ ସେ ଗୁରୁତର ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ କଟକସ୍ଥିତ ଏକ



ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତରଙ୍କ ଚେଷ୍ଟା ସତ୍ତ୍ୱେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ବିଶିଷ୍ଟ ଜ୍ୟୋତିଷ ବିଶାରଦ ତଥା ଓ ବାସ୍ତୁବିତ୍ ସ୍ୱର୍ଗତ ଦିବାକର ମିଶ୍ର ଏବଂ ପୁଷ୍ପମାଳା ମିଶ୍ରଙ୍କର ସେ ଜ୍ୟେଷ୍ଠ ପୁତ୍ର ହୋଇଥିବାବେଳେ ଅତ୍ୟନ୍ତ ମେଳାପି, ପରୋପକାରୀ ଥିଲେ। ସେ ବିଭିନ୍ନ ସାହିତ୍ୟ, ସଂସ୍କୃତି ଓ ସାମାଜିକ ଅନୁଷ୍ଠାନ ସହ ସମ୍ପୃକ୍ତ ଥିଲେ। ତାଙ୍କ ରଚିତ କବିତା, ଗଳ୍ପ ଓ ବିଜ୍ଞାନ ଭିତ୍ତିକ ଲେଖା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ପାଠକୀୟ ପ୍ରଶଂସା ପାଇଥିଲା। ତାଙ୍କ ବିୟୋଗରେ ଆଖୁଆପଦା ବ୍ୟବସାୟୀ ସଂଘ ପକ୍ଷରୁ ସମସ୍ତ ଦୋକାନ ବଜାର ବନ୍ଦ ରଖାଯାଇଥିଲା। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିବାବେଳେ ଶୋକବ୍ୟକ୍ତ କରିଛନ୍ତି।

### ଟ୍ୟୁଶନ ଛାତ୍ରୀଙ୍କୁ ଶିକ୍ଷକଙ୍କ ଅସଦାଚରଣ

ବାସୁଦେବପୁର,୨୬।୭(ନାରାୟଣ ପ୍ରସାଦ ବାରିକ୍) - ବାସୁଦେବପୁର ବ୍ଲକ ଅଞ୍ଚଳରେ ଥିବା ଏକ ସରକାରୀ ବିଦ୍ୟାଳୟର ଜଣେ ଶିକ୍ଷକ ଟ୍ୟୁଶନ ଛାତ୍ରୀଙ୍କ ସହ ଅନୈତିକ ସମ୍ପର୍କ ରଖିବା ଚର୍ଚ୍ଚାର ବିଷୟ ହୋଇଛି। ଶିକ୍ଷକଙ୍କ ଅସଦାଚରଣର ଶିକାର ହୋଇଥିବା ଛାତ୍ରୀ ଅସୁସ୍ଥ ହେବା ପରେ ତାଙ୍କୁ ଚିକିତ୍ସା ପାଇଁ ଜିଲା ବାହାରର ଏକ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସମ୍ପୃକ୍ତ ଶିକ୍ଷକଙ୍କ ନାମରେ ପୂର୍ବରୁ ମଧ ଅନୁରୂପ ଭାବେ ଅଭିଯୋଗ ଉଠିଥିଲା। ଲୋକଲଜ୍ୟା ଭୟରେ ଶିକ୍ଷକ କେତେକ ଭଦ୍ରଲୋକଙ୍କ ଜରିଆରେ ଛାତ୍ରୀଙ୍କ ପରିବାର ସହ ଆର୍ଥିକ ବୁଝାମଣା କରି ଘଟଣା ଚପାଇ ଦେବାରେ କେତେକାଂଶରେ ସଫଳ ମଧ ହୋଇଛନ୍ତି। ଏନେଇ ଛାତ୍ରୀଙ୍କ ପରିବାର ପକ୍ଷରୁ ଥାନା କିମ୍ବା ଡିଇଓଙ୍କଠାରେ କୌଣସି ଅଭିଯୋଗ ହୋଇନାହିଁ। ଶିକ୍ଷାବିଭାଗ, ପୋଲିସ ତଥା ଜିଲା ଶିଶୁ ସୁରକ୍ଷା ବିଭାଗ ନିଜ ପକ୍ଷରୁ ଏହି ଘଟଣାର ତଦନ୍ତ କରି ଉକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

### ମେଡିକାଲ କଲେଜ ଦାବିରେ ଅଗଷ୍ଟରୁ ପଦଯାତ୍ରା

ଭଦ୍ରକ,୨୬।୭(ସନାତନ ରାଉତ): ଭଦ୍ରକରେ ମେଡ଼ିକାଲ କଲେଜ ପ୍ରତିଷ୍ଠା ଦାବି ନେଇ ବିଜୁ ସ୍ମୃତି କମିଟି ପକ୍ଷରୁ ଅଗଷ୍ଟରେ ପଦଯାତ୍ରା ଏବଂ ଦସ୍ତଖତ ଅଭିଯାନ କରାଯିବ। ଏ ନେଇ ଏହାର ଅଧକ୍ଷ ଆଇନଜୀବୀ ଅମିତାବାଳା ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ଭଦ୍ରକରେ ମେଡ଼ିକାଲ କଲେଜ ଏବଂ ପଲ୍ଲୀଭାରତୀ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ସ୍ମୃତି କମିଟି ପକ୍ଷରୁ ଗତ ମାସ ୫-ଟି ସଚିବଙ୍କ ଭଦ୍ରକ ଗସ୍ତ ସମୟରେ ଲିଖିତ ଦାବି କରାଯାଇଥିଲା। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ପଲ୍ଲୀଭାରତୀ ବିଶ୍ୱ ବିଦ୍ୟାଳୟ କରାଯିବା ନିମନ୍ତେ ସମସ୍ତ ଭିତିଭୂମି ରହିଛି। ସେହିପରି ମେଡ଼ିକାଲ କଲେଜ ସ୍ଥାପନ ନିମନ୍ତେ ଜମିର କାଗଜପତ୍ର ଦିଆଯାଇଥିଲା। '୫-ଟି' ସଚିବ ପ୍ରତିଶ୍ରୁତି ପରେ ବି ବିଳମ୍ବ ହେଉଥିବାରୁ ସ୍ମୃତି କମିଟି ପକ୍ଷରୁ କ୍ଷୋଭ ପ୍ରକଟ କରାଯିବା ସହିତ ଏହାକୁ ତୀବ୍ର ନିନ୍ଦା କରାଯାଇଛି। ତୁରନ୍ତ ରାଜ୍ୟ ସରକାର ଭଦ୍ରକ କଲେଜକୁ ପଲ୍ଲୀଭାରତୀ ବିଶ୍ୱବିଦ୍ୟାଳୟ ଘୋଷଣା କରିବା ଏବଂ ଭଦ୍ରକରେ ମେଡ଼ିକାଲ କଲେଜ ପ୍ରତିଷ୍ଠା କରିବାକୁ ଘୋଷଣା କରିବାକୁ ଦାବି କରାଯାଇଛି। ଏ ନେଇ ଆସନ୍ତା ଅଗଷ୍ଟ ମାସରେ ଜିଲା ବ୍ୟାପୀ ପଦଯାତ୍ରା ଓ ଦସ୍ତଖତ ଅଭିଯାନ କରାଯିବ ବୋଲି ଆଚାର୍ଯ୍ୟ କହିଛନ୍ତି।

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ମହିଳାଙ୍କ ମୃତ୍ୟୁ

ଜଳେଶ୍ୱର, ୨୬।୭(ରବିନାରାୟଣ ପାତ୍ର)- ଜଳେଶ୍ୱର ବିଦ୍ୟୁତ୍ ଡିଭିଜନ ଅନ୍ତର୍ଗତ ନାମ୍ପୋ ବିଦ୍ୟୁତ୍ ସେକସନରେ ସମ୍ପତିଆ ପଞ୍ଚାୟତର ସରିଷା ଗାଁର ମହେନ୍ଦ୍ର ନାଥ ଦାସଙ୍କ ସ୍ତ୍ରୀ ସୁଷମା ଦାସ(୫୦)ଙ୍କ ବୁଧବାର ସକାଳେ ଛିଡିପଡିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଛନ୍ତି। ଏଲଟି ଲାଇନ୍‌ର ଖୁଣ୍ଟ ନଷ୍ଟ ହୋଇଥିବା ଓ ତାର ଓହଳି ପଡିଥିବା ସମ୍ପର୍କରେ ସରପଞ୍ଚ ସୁଶାନ୍ତ ପ୍ରଧାନ ଜଣାଇଥିଲେ ମଧ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ଅଭିଯୋଗ ହୋଇଛି। ସୁଷମାଙ୍କ ମୃତଦେହ ଧରି କଂଗ୍ରେସ ବ୍ଲକ ସଭାପତି ରାଜୀବ ପରିଡାଙ୍କ ନେତୃତ୍ୱରେ ପରିବାର ପକ୍ଷରୁ ନାମ୍ପୋ ଫାଣ୍ଡି ଆଗରେ ଧାରଣା ଦିଆଯାଇଥିଲା। ଟାଟା ପାୱାର ସହକାରୀ ଯନ୍ତ୍ରୀ ଭୁବନାନନ୍ଦ ସାହୁ କ୍ଷତିପୂରଣ ଓ ତାର ମରାମତି ସମ୍ପର୍କରେ ପ୍ରତିଶ୍ରୁତି ଦେବାପରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ପ୍ରକାଶ ପାଇଲା ସ୍ନାତକୋତ୍ତର ପରୀକ୍ଷାଫଳ

**ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ**

ବାରିପଦା,୨୬।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ତକତପୁରସ୍ଥିତ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର କଳା, ବିଜ୍ଞାନ, ବାଣିଜ୍ୟ ଓ କମ୍ପ୍ୟୁଟର ବିଜ୍ଞାନ ବିଭାଗର ଅନ୍ତିମ ପରୀକ୍ଷା ଫଳ ପରୀକ୍ଷକ-ପରିଷଦର ଅନୁମୋଦନ କ୍ରମେ ମଙ୍ଗଳବାର ସନ୍ଧ୍ୟାରେ ପ୍ରକାଶ ପାଇଛି । ଭୂତତ୍ତ୍ୱ ବିଭାଗର ଛାତ୍ରୀ ଜେ.କେ. ସୁଶ୍ରୀଲତା ମହାନ୍ତ ଶ୍ରେଷ୍ଠତମ ସ୍ଥାନ ଅଧିକାର କରିଥିବା ବେଳେ ବାଇଓ କେମେଷ୍ଟ୍ରିରେ ସୁଶିକ୍ତା ରଥ ଓ ଇଣ୍ଡଷ୍ଟ୍ରିଆଲ କେମେଷ୍ଟ୍ରିରେ ଶ୍ରୀନିବାସ ପ୍ରଧାନ ଯୁଗ୍ମ ଭାବେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ଏମ୍‌ସିଏରେ ଜୁଲୁସ୍ମିତା ପାଣିଗ୍ରାହୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସର୍ବମୋଟ ୪୯୫ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୮୨.୨୨ ପ୍ରତିଶତ ହାରରେ ୪୦୭ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ଡିଷ୍ଟିଙ୍ଗସନ ସହ ପ୍ରଥମ ଶ୍ରେଣୀରେ ୧୩୩ଜଣ ପରୀକ୍ଷାର୍ଥୀ ସଫଳତା ପାଇଥିବା ବେଳେ ପ୍ରଥମ ଶ୍ରେଣୀରେ ୨୩୦ଜଣ, ଦ୍ୱିତୀୟ ଶ୍ରେଣୀରେ ୪୧ଜଣ ଓ ତୃତୀୟ ଶ୍ରେଣୀରେ ମାତ୍ର ୩ଜଣ କୃତିତ୍ୱ ଅର୍ଜନ କରିଛନ୍ତି। ଟପ୍ପର ପରୀକ୍ଷାର୍ଥୀଙ୍କ ମଧ୍ୟରେ ଇଂରାଜୀରେ ସୋନାଲୀ ଦାଶ, ଏନାଭାରମେଣ୍ଟାଲ ଇକନୋମିକ୍ସରେ ରଶ୍ମିତା ଜେନା, ଜିଓଗ୍ରାଫିରେ ପ୍ରଶାନ୍ତ କୁମାର ମହାଳିକ, ହିନ୍ଦୀରେ ଟ୍ୱିଙ୍କିଲ ମିଶ୍ର, ଇତିହାସରେ ମହିମା ଲେଙ୍କା, ଓଡ଼ିଆରେ ଡମ୍ବରୁ ଦେବଦାଶ, ଫିଲୋସଫିରେ ଚନ୍ଦନ କୁମାର ଦାସ, ରାଜନୀତି ବିଜ୍ଞାନରେ ଶତାବ୍ଦିକା ପଣ୍ଡା, ସାନ୍ତାଳୀରେ ପାନମଣି ମାରାଣ୍ଡି, ଆପଲାଏଡ ଫିଜିକ୍ସରେ ରୁବିରାଣୀ ଦାସ, ଗଣିତରେ ପ୍ରତିଭା ମଞ୍ଜରୀ ବେହେରା, ମାଇକ୍ରୋ ବାଇଓଲୋଜି ସ୍ୱାଗତିକା ମିଶ୍ର, ବାଣିଜ୍ୟରେ ସ୍ୱନ୍ଦନା ନାଏକ,ସଂସ୍କୃତରେ ବିନୋଦିନୀ ଧଳ, ଏମ୍‌ବିଏରେ ପ୍ରଣବ କୁମାର ସେନାପତି ରହିଛନ୍ତି। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ନାରାୟଣ ପ୍ରସାଦ ବେହେରା ଓ ପରୀକ୍ଷା ନିୟନ୍ତ୍ରକ ଡ.ସୁଧିର କୁମାର କିସ୍କୁ କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜ୍ଞାପନ କରିବା ସହିତ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି।

# ଥଇଥାନ ଦାବିରେ ଜିଲାପାଳ ଅଫିସ ଆଗରେ ଧାରଣା



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୨ ପରିବାରର ସଦସ୍ୟମାନେ।

**ଗୋଚର ଜମିରୁ ୨ ପରିବାରଙ୍କୁ ଉଚ୍ଛେଦ ଘଟଣା**

ଭଦ୍ରକ,୨୬।୭(ସନାତନ ରାଉତ)

ଭଦ୍ରକ ଜିଲା ଚାନ୍ଦବାଲି ତହସିଲ ଦୋସିଙ୍ଗା ମୌଜା ପ୍ରଦ୍ୟୁତ ନଗରର ଦୁଇ ଭୂମିହୀନ ପରିବାର ଥଇଥାନ ଦାବିରେ ଜିଲାପାଳ ଅଫିସ ଆଗରେ ବୁଧବାର ଧାରଣାରେ ବସିଛନ୍ତି। ଦାବି ପୂରଣ ହେବା ଯାଏ ଧାରଣାରେ ବସି ରହିବେ ବୋଲି ସେମାନେ ଜିଦ୍‌ରେ ଅଟଳ ରହିଛନ୍ତି। ପ୍ରକାଶ ଯେ, ଗ୍ରାମର ଏକ ଗୋଚର ଜମିରେ ଶୁଭେନ୍ଦୁ ଦଳେଇ, ପ୍ରଦୀପ କୁମାର ଦଳେଇ ଦୁଇ ପରିବାର ଦୀର୍ଘ ବର୍ଷ ଧରି ରହି ଆସୁଥିଲେ। ୨୦୧୧ରେ ସେମାନଙ୍କୁ ସରକାରଙ୍କ ପକ୍ଷରୁ ଇନ୍ଦିରା ଆବାସ ମଧ ପ୍ରଦାନ କରାଯାଇଥିଲା। ସେହି ଜାଗାରେ ଇନ୍ଦିରା ଆବାସ ନିର୍ମାଣ କରି ପରିବାର ରହୁଥିବା ବେଳେ ଉକ୍ତ ଜମିକୁ ଗୋଚର ଦର୍ଶାଇ ପ୍ରଶାସନ ପକ୍ଷରୁ ବିନା ନୋଟିସ୍‌ରେ ଗତ ଜୁନ ୨୬ରେ ଉଚ୍ଛେଦ କରି ଦିଆଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଉକ୍ତ ସ୍ଥାନରେ କିଛି ନୂଆ ସରକାରୀ ପ୍ରକଳ୍ପ ଉଦ୍ଦେଶ୍ୟରେ ତହସିଲଦାରଙ୍କ ଉପସ୍ଥିତିରେ ବାସଗୃହ ଭାଙ୍ଗି ଉଚ୍ଛେଦ କରାଯାଇଛି। ଫଳର ଦୁଇ ପରିବାରର ଶିଶୁ ଓ ବୃଦ୍ଧାବୃଦ୍ଧଙ୍କୁ ମିଶାଇ ମୋଟ ୧୬ଜଣ ସଦସ୍ୟ ଏବେ ବର୍ଷା ଦିନରେ ପଲିଥିନ ଟାଙ୍ଗି ଶୋଚନୀୟ ଅବସ୍ଥାରେ ରହୁଥିବା କହିଛନ୍ତି। ଭୂମିହୀନ ପଟ୍ଟା ଓ ଆବାସ ଯୋଜନାରେ ଘର ଯୋଗାଇ ଥଇଥାନ ଦାବିରେ ଶୁଭେନ୍ଦୁ ଓ ପ୍ରଦୀପଙ୍କ ସମେତ ରାଜକୁମାର ଦଳେଇ, ସୁଶାନ୍ତ ଦଳେଇ, ମମତା ଦଳେଇ, ପ୍ରମିଳା ଦଳେଇ, ସଞ୍ଜୁଲତା ଦଳେଇ, ରଞ୍ଜିତା ଦଳେଇ ଧାରଣାରେ ବସିଛନ୍ତି।

## ମହରମ ପର୍ବ ପାଇଁ ଶାନ୍ତି କମିଟି ବୈଠକ

ଧାମନଗର,୨୬।୭(ଦେବେନ୍ଦ୍ର ଆଦିଆ)

ଭଦ୍ରକ ଜିଲା ଧାମନଗରରେ ପବିତ୍ର ମହରମ ପର୍ବ ପାଳନ ନିମନ୍ତେ ଶାନ୍ତି କମିଟିର ଏକ ବୈଠକ ସ୍ଥାନୀୟ ପଞ୍ଚାୟତ ସମିତି ସଭା ଗୃହଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କମିଟିର ଆବାହକ ଧାମନଗର ତହସିଲଦାର ସ୍ନିଗ୍ଧାରାଣୀ ଦେବୀ ଅଧ୍ୟକ୍ଷତା, ଏସ୍‌ଡିପିଓ ବିଜୟ କୃଷ୍ଣ ମହାପାତ୍ରଙ୍କ ପରିଚାଳନାରେ ଚଳିତ ମାସ ୨୯ ତାରିଖ ପବିତ୍ର ମହରମ ପର୍ବ ପାଳନ ଓ ପାରମ୍ପରିକ ବାଡ଼ିଖେଳ ପ୍ରଦର୍ଶନ ସମୟରେ ଯେମିତି ଟ୍ରାଫିକ ସମସ୍ୟା ସୃଷ୍ଟି ନହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ବୈଠକରେ ଆଲୋଚନା ହୋଇଥିଲା। ଏନ୍‌ଏସିର ବିଭିନ୍ନ ସାହିବସ୍ତିରୁ ୧୬ ଆଖଡା ଦଳ ବାହାରି ବାଡ଼ିଖେଳ ପ୍ରଦର୍ଶନ କରିବେ ଏବଂ ଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିବାକୁ ପରାମର୍ଶ ଦିଆଯାଇଥିଲା। ସେହିପରି ଦୋବଲ ଅଞ୍ଚଳରେ ମହରମ ପର୍ବ ପାରମ୍ପରିକ ଭାବେ ପାଳନ କରାଯିବ। ଶାନ୍ତି କମିଟିରେ ସରକାରୀ ଓ ବେସରକାରୀ ଏବଂ ଲୋକ ପ୍ରତିନିଧିଙ୍କୁ ନେଇ ୬୦ ଜଣ ସଦସ୍ୟ ରହିଥିବା ବେଳେ ହାତ ଗଣତି କେତେ ଜଣ ସଦସ୍ୟ ଉପସ୍ଥିତ ରହିଥିଲେ। ସେହିପରି ଯେଉଁ ସ୍ଥାନରେ ଆଖଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବ ସେ ସ୍ଥାନ ଅସୁରକ୍ଷିତ ନେଇ ଶାନ୍ତି କମିଟି ସଦସ୍ୟ ଏମ୍‌ଡି ହବିବୁର ରହେମାନଙ୍କ ପ୍ରଶ୍ନରେ ପ୍ରଶାସନିକ ଅଧିକାରୀମାନେ ନିରବ ରହିଥିଲେ। ବୈଠକରେ ଏମପି, ବିଧାୟକ କିମ୍ବା ସେମାନଙ୍କ ପ୍ରତିନିଧି, ପଞ୍ଚାୟତ ସମିତି ଅଧ୍ୟକ୍ଷା, ଏନ୍‌ଏସି ଅଧ୍ୟକ୍ଷା ଅନୁପସ୍ଥିତ ନେଇ ବରିଷ୍ଠ ସଭ୍ୟ ବାସୁଦେବ ତ୍ରିପାଠୀ କ୍ଷୋଭ ପ୍ରକାଶ କରିଥିଲେ। ସରକାରୀ ଅଧିକାରୀଙ୍କ ଅନୁପସ୍ଥିତ ନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ମତ ପ୍ରକାଶ କରିଥିଲେ। ଧାମନଗର ଥାନାଧିକାରୀ ବନମାଳୀ ବାରିକ ଧନ୍ୟବାଦ ପ୍ରଦାନ କରିଥିଲେ।

# ପିଡିଏସ୍ ସମସ୍ୟା ସମ୍ପର୍କରେ ହିତାଧିକାରୀଙ୍କୁ ପଚାରି ବୁଝିଲେ


ହିତାଧିକାରୀଙ୍କ ସହ କମିଶନର ଆଲୋଚନା କରୁଛନ୍ତି।

**ଖାଦ୍ୟ କମିଶନରଙ୍କ ଯୋଡ଼ା ଗସ୍ତ**

ଯୋଡ଼ା,୨୬।୭(ମାନସ ମହାନ୍ତି)

ରାଜ୍ୟ ଖାଦ୍ୟ ଯୋଗାଣ ବିଭାଗ କମିଶନର ଇଂ. ଅବନିକାନ୍ତ ସାହୁ ସାଧାରଣ ବଣ୍ଟନ ଉପରେ ତଦାରଖ କରିବା ପାଇଁ ବୁଧବାର କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଗସ୍ତରେ ଆସିଥିଲେ। କମିଶନରଙ୍କ ସହିତ ଡିଷ୍ଟ୍ରିକ୍ଟ ସିଏସଓ ବସନ୍ତ ପଣ୍ଡା, ବ୍ଲକ୍ ଅଧ୍ୟକ୍ଷ କବିନ୍ଦ୍ର ନାଏକ, ବିଡିଓ ଜଗନ୍ନାଥ ହନୁମାନ, ଯୋଡ଼ା ଖାଦ୍ୟ ଯୋଗାଣ ନିରୀକ୍ଷକ ମହାବୀର ବିଷ୍ଣୁ ପ୍ରସାଦ ମହାରଣା ବ୍ଲକ୍ ଅଧୀନ ବିରିକଳା ପଞ୍ଚାୟତକୁ ଯାଇଥିଲେ। ସେଠାରେ ହିତାଧିକାରୀମାନେ ଠିକ୍ ସମୟରେ ପିଡିଏସ୍( ସାଧାରଣ ବଣ୍ଟନ ବ୍ୟବସ୍ଥା)ରେ ସାମଗ୍ରୀ ପାଉଛନ୍ତି କି ନାହିଁ ସେ ନେଇ ହିତାଧିକାରୀଙ୍କୁ ଭେଟି ଆଲୋଚନା କରିଥିଲେ। ଚାଉଳରେ ନ କଲି କିମ୍ବା ପ୍ଲାଷ୍ଟିକ ଚାଉଳ ଦିଆଯାଉଥିବା ସନ୍ଦେହ ହେଉଛି କି ବୋଲି ପଚାରିଥିଲେ। ସାଧାରଣ ବଣ୍ଟନ ଦାୟିତ୍ୱରେ ଥିବା ଡିଲରମାନେ ଠିକ୍ ଭାବେ ହିତାଧିକାରୀଙ୍କୁ ବଣ୍ଟନ କରୁଛନ୍ତି କି ନାହିଁ, କେନ୍ଦ୍ର ଓ ବ୍ୟବସ୍ଥା ଉପରେ ପଞ୍ଚାୟତ ପ୍ରତିନିଧିମାନଙ୍କୁ ପଚାରି ବୁଝିଥିଲେ। ପରେ ଦେଓଝର ପଞ୍ଚାୟତରେ ଥିବା କ୍ରେଚ୍ ସେଣ୍ଟର ଓ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରି ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ କିପରି ଦିଆଯାଉଛି, ପଞ୍ଚାୟତ ଗୁଡ଼ିକରେ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ବିକଳାଙ୍ଗ ଭତ୍ତା ଓ ସ୍କୁଲ୍‌ରେ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ଉପରେ ତଦାରଖ କରିଥିଲେ। କମିଶନର ଯୋଡ଼ା ବ୍ଲକ୍‌ର ବିରି କଳା, ଦେଓଝର, ଓ ଭଦ୍ରାସାହି ପଞ୍ଚାୟତକୁ ଯାଇ ବିଭାଗୀୟ ବ୍ୟବସ୍ଥା ଉପରେ ସମୀକ୍ଷା କରିଥିଲେ।

# ଜୁଲାଇ ୨୯ରୁ ଅଗଷ୍ଟ ୧୬ପର୍ଯ୍ୟନ୍ତ ନିଯୁକ୍ତି ଶିବିର

ବାଲେଶ୍ୱର, ୨୬।୭(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ପ୍ରଶାସନ ଓ ଜିଲା ନିୟୋଜନ କାର୍ଯ୍ୟାଳୟ ମିଳିତ ସହଯୋଗରେ ରିଜିଓନାଲ ଟ୍ରେନିଂ ଏକାଡ଼େମୀ, ଏସ୍‌ଆଇଏସ୍ ଇଣ୍ଡିଆ ଲିଃ କଟକ ପକ୍ଷରୁ ଜିଲାର ୧୨ଟି ବ୍ଲକର ଶିକ୍ଷିତ ଯୁବକମାନଙ୍କୁ ରୋଜଗାର ଯୋଗାଇ ଦେବା ନିମନ୍ତେ ନିଯୁକ୍ତି ଶିବିର ଆସନ୍ତା ଜୁଲାଇ ୨୯ରୁ ଅଗଷ୍ଟ ୧୬ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସୁରକ୍ଷା ଅଧିକାରୀ ଓ ସୁରକ୍ଷା କର୍ମୀ ପଦବୀରେ ସମସ୍ତ ବ୍ଲକ କାର୍ଯ୍ୟାଳୟରେ ଚୟନ ଓ ପଞ୍ଜିକରଣ ଶିବିର ଅନୁଷ୍ଠିତ ହେବ। ବାହାନଗା ବ୍ଲକ ପାଇଁ ଜୁଲାଇ ୨୯, ବସ୍ତା ବ୍ଲକ ପାଇଁ ଅଗଷ୍ଟ ୧, ଭୋଗରାଇ ବ୍ଲକ ପାଇଁ ଅଗଷ୍ଟ ୨, ଜଳେଶ୍ୱର ବ୍ଲକ ପାଇଁ ଅଗଷ୍ଟ ୩, ଖଇରା ବ୍ଲକ ପାଇଁ ଅଗଷ୍ଟ ୪, ନୀଳଗିରି ବ୍ଲକ ପାଇଁ ଅଗଷ୍ଟ ୫, ଔପଦା ବ୍ଲକ ପାଇଁ ଅଗଷ୍ଟ ୭, ରେମୁଣା ବ୍ଲକ ପାଇଁ ଅଗଷ୍ଟ ୮, ସିମୁଳିଆ ବ୍ଲକ ପାଇଁ ଅଗଷ୍ଟ ୯, ସୋର ବ୍ଲକ ପାଇଁ ଅଗଷ୍ଟ ୧୦, ସଦର ବ୍ଲକ ପାଇଁ ଅଗଷ୍ଟ ୧୧ ଏବଂ ବାଲିଆପାଳ ବ୍ଲକ ପାଇଁ ଅଗଷ୍ଟ ୧୬ରେ ଅନୁଷ୍ଠିତ ହେବ। ସୁରକ୍ଷାକର୍ମୀ ପ୍ରାର୍ଥୀମାନଙ୍କ ନିମନ୍ତେ ବୟସ ୨୧ରୁ ୩୬ ବର୍ଷ, ଉଚ୍ଚତା ୧୬୭.୫ ସେମି, ଓଜନ ୫୬ରୁ ୯୦ କି.ଗ୍ରା. ଏବଂ ଶାରୀରିକ ସୁସ୍ଥ ଥିବା ଆବଶ୍ୟକ ଅଟେ। ସେହିପରି ସୁରକ୍ଷା ଅଧିକାରୀ ପ୍ରାର୍ଥୀଙ୍କ ନିମନ୍ତେ ବୟସ ୨୧ରୁ ୩୭ ବର୍ଷ, ଉଚ୍ଚତା ୧୬୭.୫ ସେମି, ଓଜନ ୬୦ରୁ ୯୦ କି.ଗ୍ରା. ସହ ଶାରୀରିକ ସୁସ୍ଥ ଥିବା ଆବଶ୍ୟକ ଅଟେ। ମନୋନୀତ ପ୍ରାର୍ଥୀଙ୍କୁ କଟକ, ଚୌଦ୍ୱାରରେ ଏସ୍‌ଆଇଏସ୍ ଲିଃ ତରଫରୁ ଏକ ମାସ ପାଇଁ ଶାରୀରିକ ଦକ୍ଷତା, ଅଗ୍ନିଶମ ସେବା ପ୍ରଶିକ୍ଷଣ, ପ୍ରାଥମିକ ଚିକିତ୍ସା ଆଦି ସମ୍ପର୍କରେ ତାଲିମ ପ୍ରଦାନ କରିବା ସହ ସଫଳ ଯୋଗ୍ୟ ପ୍ରାର୍ଥୀଙ୍କୁ ରାଜ୍ୟ ତଥା ଦେଶର ଜଣାଶୁଣା ସଂସ୍ଥାରେ ନିଯୁକ୍ତି ପ୍ରଦାନ କରାଯିବ। ଚୟନ ନିମନ୍ତେ ଏସ୍‌ଆଇଏସ୍ ସଂସ୍ଥାକୁ ପଞ୍ଜିକରଣ ଶୁଳ୍କ ବାବଦରେ ୫୦୦ଟଙ୍କା ଦେୟ ଦେବାକୁ ପଡ଼ିବ। ଏହାବ୍ୟତୀତ ଯୋଗ୍ୟ ମନୋନୀତ ପ୍ରାର୍ଥୀଙ୍କୁ ପ୍ରଶିକ୍ଷଣ, ରହିବା, ଖାଇବା, ପୋଷାକ ଓ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ ୧୨,୫୦୦ ଟଙ୍କା ଏସ୍‌ଆଇଏସ୍‌କୁ ଦେୟ ଦେବାକୁ ପଡ଼ିବ। ନିର୍ଦ୍ଧାରିତ ତାରିଖରେ ନିଜର ଶିକ୍ଷାଗତ ଯୋଗ୍ୟତାର ସମସ୍ତ ପ୍ରମାଣପତ୍ର, ଆଧାରକାର୍ଡ଼ (ଅରିଜିନାଲ ଏବଂ ଜେରକ୍ସ କପି) ତଥା ପାସପୋର୍ଟ ସାଇଜ୍ ଫଟୋ ସହ ଚୟନ ସ୍ଥାନରେ ଉପସ୍ଥିତ ରହିବାକୁ ଜିଲା ପ୍ରଶାସନ ଓ ଜିଲା ନିୟୋଜନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ଆଲୋକ ମୟୂରଭଞ୍ଜ, ସଂଗ୍ରାମ ବାଲେଶ୍ୱର ପ୍ରଭାରୀ

**ଜିଲାର ଦୁଇ କଂଗ୍ରେସ କର୍ମୀଙ୍କୁ ଦାୟିତ୍ୱ**

କେନ୍ଦୁଝର,୨୬।୭(ନରେଶ ଚନ୍ଦ୍ର ପଟ୍ଟନାୟକ): କଂଗ୍ରେସ ଦଳକୁ ତୃଣମୂଳ ସ୍ତରରେ ସଂଗଠନକୁ ଶକ୍ତିଶାଳୀ ଓ କ୍ରିୟାଶୀଳ କରିବା ପାଇଁ ରାଜ୍ୟ କଂଗ୍ରେସ ରଣନୀତି ପ୍ରସ୍ତୁତି କରିଛି। ପିସିସି ସଭାପତି ଶରତ ପଟ୍ଟନାୟକ ରାଜ୍ୟ କଂଗ୍ରେସର ପଦାଧିକାରୀଙ୍କୁ ବିଭିନ୍ନ ଜିଲ୍ଲା ପ୍ରଭାରୀ ଭାବେ ନିଯୁକ୍ତି ଦେଇଛନ୍ତି। ଏଥିରେ କେନ୍ଦୁଝରର ୨ ପିସିସି କର୍ମକର୍ତ୍ତାଙ୍କୁ ମଧ୍ୟ ତାଲିକାରେ ରଖାଯାଇଛି। ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ରଙ୍କୁ ମୟୂରଭଞ୍ଜ ଜିଲ୍ଲା ପ୍ରଭାରୀ ଏବଂ ପିସିସି ସମ୍ପାଦକ ସଂଗ୍ରାମ ଦାସଙ୍କୁ ବାଲେଶ୍ୱର ଜିଲ୍ଲା ପ୍ରଭାରୀ ଭାବେ ଦାୟିତ୍ୱ ମିଳିଛି। ସେମାନେ ତୁରନ୍ତ ଦାୟିତ୍ୱରେ ଥିବା ଜିଲ୍ଲାକୁ ଗସ୍ତ କରି ତାଙ୍କ ନେତୃବୃନ୍ଦ ସହିତ ଆଲୋଚନା କରି ସଂଗଠନକୁ ସଜାଡ଼ିବାକୁ ପିସିସି ପକ୍ଷରୁ କୁହାଯାଇଛି।



# ସ୍କୁଲ ପାଖରେ ହାଟପିଣ୍ଡି ନିର୍ମାଣକୁ ବିରୋଧ

ଭଣ୍ଡାରିପୋଖରୀ,୨୬।୭(ରବିନାରାୟଣ ଖିଲାର)

ଭଣ୍ଡାରିପୋଖରୀ ହାଇସ୍କୁଲ ସମ୍ମୁଖରେ ହାଟପିଣ୍ଡି ନିର୍ମାଣକୁ ସ୍ଥାନୀୟ ଦକ୍ଷିଣବାଡ଼ ଗ୍ରାମବାସୀ ବିରୋଧ କରିବା ସହ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ନିର୍ମାଣ କାର୍ଯ୍ୟ ଯୋଗୁ ସ୍କୁଲ, ପ୍ରାଣୀ ଚିକିତ୍ସାଳୟ, ପଞ୍ଚାୟତ ଅଫିସ ଓ ସମବାୟ ସମିତି ଅଫିସ ଆଦି କାର୍ଯ୍ୟାଳୟକୁ ଯାତାୟାତ ପାଇଁ ଥିବା ରାସ୍ତା ସଂକୁଚିତ ହେବା, ହାଟର ବ୍ୟର୍ଜ୍ୟବସ୍ତୁ ପାଇଁ ପରିବେଶ ପ୍ରଦୂଷିତ ହେବା ଆଶଙ୍କା ଥିବା, ଦକ୍ଷିଣବାଡ ଗ୍ରାମବାସୀଙ୍କ ପିଲାମାନେ ଖେଳିବା ଓ ଗୋରୁ ଚରିବା ପଡ଼ିଆ ଭାବେ ବ୍ୟବହାର କରି ଆସୁଥିବାରୁ ଏହି ସ୍ଥାନରେ ହାଟପିଣ୍ଡି ନିର୍ମାଣ ନ କରି ଅନ୍ୟତ୍ର କରିବାକୁ ଗ୍ରାମବାସୀ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସଂଶ୍ଳିଷ୍ଟ ୱାର୍ଡର ୱାର୍ଡସଭ୍ୟା ରିନା ଜେନାଙ୍କ ନେତୃତ୍ୱରେ ଗ୍ରାମର ଶତାଧିକ ଲୋକ ଦକ୍ଷିଣବାଡ଼ ମୌଜାର ଖାତାନଂ. ୬୪୮ ଓ ପ୍ଲଟନଂ. ୧୦୩୦ର ଏ୦.୪୩ ଡିସିମିଲି ଜମି ଉପରେ ଏହି ହାଟ ନିର୍ମାଣ ପାଇଁ ଉଦ୍ୟମ କରାଯାଉଥିବାକୁ ବିରୋଧ କରି ଗତ ମାସ ୫ ତାରିଖରେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ। ସେମାନଙ୍କ ଆବେଦନ ଉପରେ ତହସିଲଦାର ନିରବଦ୍ରଷ୍ଟା ସାଜୁଥିବା ଅଭିଯୋଗରେ ଦର୍ଶାଯାଇଛି। ପ୍ରାକ୍ତନ ପଞ୍ଚାୟତ ସମିତି ଅଧକ୍ଷା ମଞ୍ଜୁଶ୍ରୀ ବେହେରାଙ୍କ ସମୟରେ ପ୍ରଦାନ କରାଯାଇଥିବା ୧୦ ଲକ୍ଷ ଟଙ୍କାକୁ ରାଜପଥ ପାର୍ଶ୍ୱ ସ୍ଥାନ ତଥା ଏହି ମୌଜାର ଜବରଦଖଲରେ ଥିବା ସ୍ଥାନଗୁଡ଼ିକୁ ବେଦଖଲକରି ହାଟ ନିର୍ମାଣ କରିବାକୁ ପୂର୍ବରୁ ତହସିଲଦାର କୌଣସି ସହଯୋଗ କରି ନ ଥିଲା ବେଳେ ଗୋଚର ଜମିରେ ନିର୍ମାଣ କରାଯାଉଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ପଞ୍ଚାୟତର ଅନ୍ୟ ରାଜସ୍ୱ ମୌଜାରେ ଗୋଚର ରହିଥିବାରୁ ଉକ୍ତ ସ୍ଥାନରେ ହାଟପିଣ୍ଡି ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ତହସିଲଦାର ସରୋଜକାନ୍ତ ନାୟକଙ୍କୁ ପଚାରିବାରୁ ଲୋକଙ୍କ ଅଭିଯୋଗର ତଦନ୍ତ କରାଯିବ ବୋଲି କହିଛନ୍ତି।

# ପରିଖି ପଞ୍ଚାୟତ ରାସ୍ତା: ବର୍ଷା ଆସିଲେ ବଢ଼େ ଚିନ୍ତା

**ଜରୁରିକାଳୀନ ସେବା ଠପ୍**

ରୂପସା, ୨୬।୭(ବାଞ୍ଛାନିଧି ଦେ)


କାଦୁଅ ପଚ ପଚ ରାସ୍ତାରେ ଗାଁ ଲୋକଙ୍କ ପ୍ରତିବାଦ।

ଏବେ ବି ଅନେକ ଗାଁ ରହିଛି ଯେଉଁଠି ଜନସାଧାରଣ ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି। ସରକାର ବିକାଶର ଡିଣ୍ଡିମ ପିଟୁଥିବା ବେଳେ ଗାଁର ବିକଳ ଚିତ୍ର ଜନପ୍ରତିନିଧିଙ୍କର ଅପାରଗତାକୁ ପଦାରେ ପକାଇଛି। ଗମନାଗମନ ପାଇଁ ଗାଁଠୁ ସହର ପର୍ଯ୍ୟନ୍ତ ବିପୁଳ ଅର୍ଥରେ ପକ୍କା ରାସ୍ତା ନିର୍ମାଣ କରାଯାଉଛି। ହେଲେ ବାଲେଶ୍ୱର ଜିଲା ସଦର ବ୍ଲକ ଅଧୀନ ପରିଖି ପଞ୍ଚାୟତରେ ଥିବା ରାସ୍ତାର ଦୁରବସ୍ଥା ଯୋଗୁ ଲୋକଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି।

ଏହି ପଞ୍ଚାୟତର ୨ ନଂ. ୱାର୍ଡ଼ରେ ଥିବା ବଡିଶମାଣିଆଠାରୁ ଯଶିପୁର ପର୍ଯ୍ୟନ୍ତ ରାସ୍ତା, ୯ ନଂ. ୱାର୍ଡ଼ରେ ଲୁଣାପାଣିଠାରୁ ନନ୍ଦଚକ ପର୍ଯ୍ୟନ୍ତ ରାସ୍ତା ଓ ୧୬ନଂ. ୱାର୍ଡ ହରିଜନ ସାହି ରାସ୍ତା ମାଟି, କାଦୁଅରେ ପରିପୂର୍ଣ୍ଣ। ବର୍ଷା ଦିନ ଆସିଲେ ଏହି ରାସ୍ତା କାଦୁଅ ପଚ ପଚ ହୋଇ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥାଏ। ଏପରିକି ଦୁଇଚକିଆ, ଚାରିଚକିଆ ଯାନ ଯିବା ତ ଦୂରର କଥା, ମହିଳା, ପୁରୁଷ ଛୁଆ ପିଲା ଖାଲି ପାଦରେ ଯା'ଆସ କରିବା ସମ୍ଭବ ହୁଏନି। ବାରମ୍ବାର ଅଭିଯୋଗ ପରେ ବି ଏହି ଦୁଇ ୱାର୍ଡ଼ରେ ସ୍ଥାୟୀ ପକ୍କା ରାସ୍ତା ନିର୍ମାଣ ଦିଗରେ ବିଭାଗ ପକ୍ଷରୁ ଏଯାବତ୍ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଦୁଇଟି ୱାର୍ଡ଼ରେ ଭୋଟର ସଂଖ୍ୟା ୧୧ଶହ ହୋଇଥିବା ବେଳେ ଲୋକସଂଖ୍ୟା ୩ ହଜାରରୁ ଉର୍ଦ୍ଧ୍ୱ ଅଟନ୍ତି।

ଗ୍ରାମବାସୀ ସରୋଜ ବେହେରା କହନ୍ତି, ବର୍ଷାଦିନେ ଏହି ରାସ୍ତାରେ ଜରୁରୀ ପରିସ୍ଥିତିରେ ଦମକଳ ଗାଡ଼ି କି ଆମ୍ବୁଲାନ୍ସ ଆସିପାରେ ନାହିଁ। ଲୋକଙ୍କ ଜୀବନ ପ୍ରତି ବିପଦ ଥିବାରୁ ତୁରନ୍ତ ରାସ୍ତା ନିର୍ମାଣ ଦିଗରେ ପ୍ରଶାସନ ପଦକ୍ଷେପ ଗ୍ରହଣ କରିବା ଉଚିତ୍।

ଆତାବୁଲ ଅଲ୍ଲୀ ଖାନ କହନ୍ତି, ବର୍ଷା ଆସିଲେ ଏହି ରାସ୍ତା ଦେଇ ଛାତ୍ରୀଛାତ୍ର ସ୍କୁଲ, କଲେଜ ଯାଇପାରନ୍ତିନି। ଏପରିକି ଡାକ୍ତରଖାନା ଯିବା ପାଇଁ ଏଠାକାର ଲୋକେ ହଇରାଣ ହୁଅନ୍ତି। ଗ୍ରାମବାସୀ ମୋହନ ପଣ୍ଡା, ନାରାୟଣ ଦଣ୍ଡପାଟ, ଅଶୋକ ସେନାପତି, ପୂର୍ଣ୍ଣଚନ୍ଦ୍ର ହାତୀ, ଜଗଦୀଶ ଆଚାର୍ଯ୍ୟ, ତରୁଣ ମାଇତି ଓ ବାବୁ ସେନାପତି ପ୍ରମୁଖ ଉଭୟ ୱାର୍ଡ଼ରେ ସ୍ଥାୟୀ ରାସ୍ତା ନିର୍ମାଣ ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନ ହେଲେ ଆଗାମୀ ୨୦୨୪ ନିର୍ବାଚନରେ ଭୋଟ୍ ବର୍ଜନ କରିବେ ବୋଲି ଚେତାବନୀ ଦିଆଯାଇଛି।

## ୪ ବଖରା ଜଳିଗଲା

ଖଇରା,(ଉତ୍କଳବନ୍ଧୁ ପଣ୍ଡା):ବାଲେଶ୍ୱର ଜିଲା ଖଇରା ତହସିଲ ମହତୀପୁର ପଞ୍ଚାୟତ ଅଧୀନ ତେଲଦିଅ ପାଟଣା ଗ୍ରାମରେ ବୁଧବାର ସନ୍ଧ୍ୟାରେ ଜଳଧର ଜେନାଙ୍କ ୪ ବଖରା ଘର ସହ ଗୁହାଳ ଘର ସମ୍ପୂର୍ଣ୍ଣ ଜଳି ପାଉଁଶ ହୋଇଯାଇଛି। ଗ୍ରାମବାସୀ ଗୁହାଳରେ ପଶି ଗୋରୁଙ୍କୁ ଫିଟେଇ ଦେବା କାରଣରୁ ସେମାନେ ରକ୍ଷା ପାଇଯାଇଛନ୍ତି। ଖଇରା ଦମକଳ ବାହିନୀର ୨ଟି ଗାଡି ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି।

# ସାଇବର ଠକେଇରେ ଲକ୍ଷାଧିକ ଟଙ୍କା ଲୁଟ

## ଜଣେ ଅଟକ , ମୁଖ୍ୟ ଅଭିଯୁକ୍ତ ଫେରାର

ବୈଶିଙ୍ଗା,୨୬।୭(ରତନ ଦାଶ)

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ଲୋକଙ୍କଠାରୁ ୨ ଦିନ ମଧ୍ୟରେ ସାଇବର ଠକେଇ ମାଧ୍ୟମରେ ଲକ୍ଷାଧିକ ଟଙ୍କା ଲୁଟ ହୋଇଛି। ଏନେଇ ଲିଖିତ ଅଭିଯୋଗ ପରେ ବୈଶିଙ୍ଗା ପୋଲିସ ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ବୈଶିଙ୍ଗା ଥାନା ଅଧୀନ ନୟାବସନ୍ତପୁର ଗ୍ରାମକୁ ଗତ ୧୭ ଓ ୧୮ ତାରିଖରେ ଜଣେ ମହିଳାଙ୍କ ସହିତ ଜଣେ ପୁରୁଷ ଆସି ନିଜକୁ ବାରିପଦାସ୍ଥିତ କୃଷି ବିଭାଗର କର୍ମଚାରୀ ବୋଲି ପରିଚୟ ଦେଇଥିଲେ। ପରେ ସେମାନେ ସରଳ ଗ୍ରାମବାସୀଙ୍କୁ ସରକାରଙ୍କ କାଳିଆ ଯୋଜନା ଓ ପ୍ରଧାନ ମନ୍ତ୍ରୀ କିସାନ ଯୋଜନାର ଟଙ୍କା ପାଇବା ପାଇଁ ଇ-କେୱାଇସି ଅପଡେଟ କରିବାକୁ ଆସିଛନ୍ତି ବୋଲି କହିଥିଲେ। ଏନେଇ ସେମାନେ ଗ୍ରାମବାସୀଙ୍କଠାରୁ ଆଧାର କାର୍ଡ ସମେତ ବ୍ୟାଙ୍କ ପାସ୍‌ବୁକ ମଧ୍ୟ ନେଇଥିଲେ। ଏକ ବାୟୋମେଟ୍ରିକ ଫିଙ୍ଗର ପ୍ରିଣ୍ଟ ମେଶିନରେ ସେମାନଙ୍କର ଟିପ ନେଇଯାଇଥିଲେ। ଏହା ସହିତ ଏନେଇ ଗ୍ରାମବାସୀଙ୍କ ଠାରୁ ୧୦୦ ଟଙ୍କା ଲେଖାଏଁ ମଧ୍ୟ ଆଦାୟ କରିଥିଲେ। ଏହିଭଳି ୨ ଦିନ ଧରି ସେମାନେ ଇ-କେୱାଇସି ବାହାନାରେ ଶତାଧିକ ଲୋକଙ୍କ ଆକାଉଣ୍ଟକୁ ହ୍ୟାକ କରି ଲକ୍ଷାଧିକ ଟଙ୍କା ନିଜ ଆକାଉଣ୍ଟକୁ ଟ୍ରାନ୍ସଫର କରିନେଇଥିଲେ। ୧୮ ତାରିଖ ଦିନ ଏହିଭଳି ଠକେଇର ଶିକାର ହୋଇଥିଲେ ନୟାବସନ୍ତପୁର ଗ୍ରାମର ସ୍ୱର୍ଗତ ଗୁରଭା ସୋରେନର ସ୍ତ୍ରୀ ସୋନା। ତାଙ୍କ ଅଭିଯୋଗ ମୁତାବକ ୧୭ ତାରିଖରେ ସବୁ ଡକ୍ୟୁମେଣ୍ଟ ଦେଇସାରିଥିବାବେଳେ ହଠାତ ତାଙ୍କ ଯୁଗପୁରା ସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଆକାଉଣ୍ଟରୁ ୩୦୭୫ ଟଙ୍କା କଟିଯାଇଥିବା ମେସଜ ତାଙ୍କ ମୋବାଇଲକୁ ଆସିଥିଲା। ପରେ ସେ ଜାଣିବାକୁ ପାଇଥିଲେ କି ଏହିଭଳି ଏକାଧିକ ଗ୍ରାମବାସୀଙ୍କ ଆକାଉଣ୍ଟରୁ ଟଙ୍କା କଟିଯାଇଛି। ସୋନାଙ୍କ ସନ୍ଦେହ ହେବାରୁ ସେ ଗ୍ରାମବାସୀଙ୍କ ସହିତ ଠକ ମହିଳା ଓ ପୁରୁଷଙ୍କୁ ଖୋଜାଖୋଜି ଆରମ୍ଭ କରିଦେଇଥିଲେ। ଜାଣିବାକୁ ପାଇଥିଲେ ଯେ, ସ୍ଥାନୀୟ ବଡାମପୁର ଛକ ନିକଟରେ ସେମାନଙ୍କର ଏକ ଅନଲାଇନ ସେବାକେନ୍ଦ୍ର ଅଛି। ପରେ ସେଠାରେ ପହଞ୍ଚି ସ୍ଥାନୀୟ ଲୋକଙ୍କଠାରୁ ଜାଣିବାକୁ ପାଇଥିଲେ ଯେ, ପୁରୁଷ ଜଣଙ୍କ ହେଲେ ସେହି ଅଞ୍ଚଳର ବିଶ୍ୱନାଥ ତ୍ରିପାଠୀଙ୍କ ପୁଅ ଇନ୍ଦ୍ରଭୂଷଣ ଓ ମହିଳା ଜଣକ ରାସଗୋବିନ୍ଦପୁର ଅଞ୍ଚଳର ଶାନ୍ତିପ୍ରିୟା ଦାସ । ହେଲେ ଗ୍ରାମବାସୀ ପହଞ୍ଚିବା ପୂର୍ବରୁ ସେମାନେ ସେଠାରୁ ଚମ୍ପଟ ମାରିଥିଲେ। ପରେ ବାଧ୍ୟ ହୋଇ ସୋନା ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏତଲା ପାଇବା ପରେ ଏକ ମାମଲା(ନଂ. ୨୮୭/୨୩) ରୁଜୁ କରି ଥାନା ଅଧିକାରୀ ପ୍ରଭାଂଶୁ ଶେଖର ମିଶ୍ର ଏକ ଟିମ ସହିତ ସନ୍ଧ୍ୟାରେ ଇନ୍ଦ୍ରଭୂଷଣ ଓ ଶାନ୍ତିପ୍ରିୟାଙ୍କ ଘରେ ଚଢ଼ାଉ କରିଥିଲେ। ଇନ୍ଦ୍ରଭୂଷଣ ଫେରାର ହୋଇଯାଇଥିବା ବେଳେ ଶାନ୍ତିପ୍ରିୟାଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଆରମ୍ଭ କରିଛନ୍ତି । ଚଢାଉ ସମୟରେ ଉକ୍ତ ଠକେଇରେ ବ୍ୟବହୃତ ଲ୍ୟାପଟପ ଓ ଫିଙ୍ଗରପ୍ରିଣ୍ଟ ବାୟମ୍ୟାଟ୍ରିକ ମେଶିନ ଜବତ କରିଛି ବୈଶିଙ୍ଗା ପୋଲିସ। ଖୁବ୍ ଶୀଘ୍ର ଅନ୍ୟ ଅଭିଯୁକ୍ତଙ୍କୁ ଧରାଯିବ ବୋଲି ପୋଲିସ ପ୍ରକାଶ କରିଛି।

# ୫ବର୍ଷରେ ଗଲାଣି ୪୭୬ ଜୀବନ

## ମୟୂରଭଞ୍ଜ ଜିଲାରେ ବଢ଼ୁଛି ସାପ କାମୁଡ଼ା ମୃତ୍ୟୁ

ବାରିପଦା,୨୬।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)- ମୟୂରଭଞ୍ଜ ଜିଲାରେ ସାପ କାମୁଡ଼ା ଜନିତ ମୃତ୍ୟୁ ସଂଖ୍ୟା ବଢ଼ି ଚାଲିଛି। ବଣପାହାଡ଼ ଘେରା ଏହି ଜିଲାରେ ବିଷଧର ସାପଙ୍କ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଉଛି। ପ୍ରତିଦିନ ବିଷଧର ସାପ ଉଦ୍ଧାର ହେବା ଓ ସାପକାମୁଡ଼ା ନିତିଦିନିଆ ଘଟଣା ପାଲଟିଲାଣି। ସଚେତନତା ଅଭାବରୁ ସାପକାମୁଡା ଜନିତ ମୃତ୍ୟୁକୁ ନେଇ ଜିଲାବାସୀ ଭୟଭୀତ ହୋଇପଡ଼ିଛନ୍ତି। ଗତ ୫ବର୍ଷ ମଧ୍ୟରେ ଜିଲାରେ ସାପକାମୁଡା ଜନିତ ମୃତ୍ୟୁ ସଂଖ୍ୟା ୪୭୬ରେ ପହଞ୍ଚିଛି। ସାପ କାମୁଡ଼ା ଜନିତ ମାଗଣା ଚିକିତ୍ସା ସରକାରୀ ଡାକ୍ତରଖାନାରେ ଉପଲବ୍ଧ ରହିଥିଲେ ମଧ୍ୟ ଅନେକ ସମୟରେ ଉପଯୁକ୍ତ ଚିକିତ୍ସା ଅଭାବ ଓ ଝଡ଼ାଫୁଙ୍କାରେ ବିଶ୍ୱାସ କରି ଚିକିତ୍ସା ଜନିତ ବିଳମ୍ବ ପାଇଁ ଜିଲାରେ ମୃତ୍ୟୁ ସଂଖ୍ୟା ବୃଦ୍ଧିର କାରଣ ବୋଲି କୁହାଯାଉଛି।

ବର୍ଷା ଦିନେ ଗାଁଗଣ୍ଡାରେ ସର୍ପାଘାତ ଜନିତ ଘଟଣା ବେଶୀ ଦେଖିବାକୁ ମିଳିଥାଏ। ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ପରିବାର ଲୋକେ ବାରଣ୍ଡାରେ ଶୋଇଥିବା ସମୟରେ ସାପ କାମୁଡ଼ାର ଶିକାର ହୋଇଥାନ୍ତି। ଗାଁଗଣ୍ଡାରେ ସାପ କାମୁଡ଼ିଲେ ଲୋକେ ଗୁଣିଆ ପାଖକୁ ନେଇ ଝଡ଼ାଫୁଙ୍କା କରିଥାନ୍ତି। ସୁସ୍ଥ ନ ହେଲେ ଶେଷରେ ପରିବାର ଲୋକେ ନିକଟସ୍ଥ ଡାକ୍ତରଖାନାକୁ ନେଇଥାନ୍ତି। ଏପରି ସ୍ଥଳେ ଗୁରୁତର ରୋଗୀଙ୍କୁ ବଞ୍ଚାଇବା ସମ୍ଭବପର ହୋଇ ନ ଥାଏ।

୨୦୧୮ରେ ଜିଲାରେ ୧୦୨ଜଣଙ୍କ ସାପକାମୁଡ଼ାରେ ମୃତ୍ୟୁ ହୋଇଥିବା ବେଳେ ୨୦୧୯ରେ ୯୦, ୨୦୨୦ରେ ୧୦୭, ୨୦୨୧ରେ ୯୬, ଓ ୨୦୨୨ରେ ୮୧ଜଣଙ୍କର ମୃତ୍ୟୁ ଘଟିଛି । ୨୦୧୮-୧୯ବର୍ଷଠାରୁ କ୍ରମାଗତ ୫ବର୍ଷ ଧରି ଜିଲାରେ ସାପକାମୁଡା ମୃତ୍ୟୁ ସଂଖ୍ୟା ୪୭୬ରେ ପହଞ୍ଚି ଥିବା ସରକାରୀ ରିପୋର୍ଟରେ ଦର୍ଶାଯାଇଛି। ସେହିପରି ଚଳିତ ବର୍ଷ ୧୦ଜଣଙ୍କ ମୃତ୍ୟୁ ଘଟିଛି। ସାପ କାମୁଡ଼ା ଜନିତ ମୃତ୍ୟୁ ରୋକିବା ପାଇଁ ଜନସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଉଛି ବୋଲି ଜିଲା ଜରୁରୀକାଳୀନ ଅଧିକାରୀ ସୁଜୟ ପତି ପ୍ରକାଶ କରିଛନ୍ତି। ଜିଲାରେ ସାପକାମୁଡ଼ା ଚିକିତ୍ସା ଓ ଏହା ଦ୍ୱାରା ମିଳୁଥିବା ସରକାରୀ ସୁବିଧା ସୁଯୋଗ ସମ୍ପର୍କରେ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଗଲେ ସର୍ପାଘାତ ଜନିତ ମୃତ୍ୟୁରେ ସାମାନ୍ୟ ରୋକ ଆସିପାରନ୍ତା ବୋଲି ପରିବେଶବିତ ତଥା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି।

# ଏଫ୍‌ଏମ୍‌ୟୁ ଓ ସାମାଜିକ-ସାଂସ୍କୃତିକ ବିକାଶକେନ୍ଦ୍ର ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର




ବୁଝାମଣା ପତ୍ର ସ୍ୱାକ୍ଷର ଅବସରରେ ଉପସ୍ଥିତ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଓ ଅନ୍ୟମାନେ।

ବାଲେଶ୍ୱର, ୨୬।୭(ମାନସ ବିଶ୍ୱାଳ)

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ (ଏଫ୍‌ଏମ୍‌ୟୁ) ଓ ସାମାଜିକ-ସାଂସ୍କୃତିକ ବିକାଶକେନ୍ଦ୍ର ମଧ୍ୟରେ ଏକ ବୁଝାମଣା ପତ୍ର ବୁଧବାର ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟ ପ୍ରଫେସର ସୂର୍ଯ୍ୟେନ୍ଦୁ କୁମାର ଦେ ସଂଯୋଜନା କରିବା ସହିତ ଏହି ବୁଝାମଣାପତ୍ର ସ୍ୱାକ୍ଷରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଆଞ୍ଚଳିକ ସ୍ତରରେ ସମାଜ-ଜୀବନର ବିକାଶ ଓ ସମୃଦ୍ଧି କରଣରେ ନିହିତ ରହିଛି ବୋଲି ପ୍ରକାଶ କରିଥିଲେ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଶିକ୍ଷା ଓ ଗବେଷଣାକୁ ପ୍ରାଥମିକତା ଦେବା ସହିତ 'ଭିଲେଜ୍ ଆଡପସନ୍, 'ବ୍ୟାକ୍ ଟୁ ସ୍କୁଲ୍', 'ଇଚ୍ ୱାନ୍ ଟିଚ୍ ୱାନ୍' ଆଦି କାର୍ଯ୍ୟକ୍ରମ ଆରମ୍ଭ ଓ ବିଭିନ୍ନ ସମୟରେ ସ୍ୱାସ୍ଥ୍ୟ ଶିବିରମାନ ଆୟୋଜନ କରି ଲୋକଙ୍କ ନିକଟତର ହେବାର ପ୍ରଚେଷ୍ଟା କରୁଥିବା ପରି ଏହି ବୁଝାମଣା ପତ୍ର ସ୍ୱାକ୍ଷର ଜରିଆରେ ସାମାଜିକ-ସାଂସ୍କୃତିକ ଅଗ୍ରସରତା ଓ ଅଗ୍ରଗତିରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟ ସମ୍ପାଦନ କରିବ ବୋଲି ମତ ଦେଇଥିଲେ। ସାମାଜିକ-ସାଂସ୍କୃତିକ ବିକାଶ କେନ୍ଦ୍ରର ମୁଖ୍ୟ ବନମାଳୀ ସାହୁ ଏଫ୍‌ଏମ୍‌ୟୁ ସହିତ ସଂହତି-କାର୍ଯ୍ୟସାଧନ ଉଦ୍ଦେଶ୍ୟରେ ସ୍ୱାକ୍ଷରିତ ଏହି ବୁଝାମଣାପତ୍ର କୃଷି ଓ ଉତ୍ପାଦନ ସହିତ ସାମାଜିକ-ସାଂସ୍କୃତିକ ଉତ୍କର୍ଷତାରେ ବିଶ୍ୱାସୀ ବ୍ୟକ୍ତିବିଶେଷଙ୍କ ପାଇଁ କିପରି ଅନେକ ସମ୍ଭାବନାର ମାର୍ଗ ପ୍ରସ୍ତୁତ କରିବ ସେ ବିଷୟରେ ପ୍ରକାଶ କରିଥିଲେ। ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ମଧୁମିତା ଦାସ ଯୋଗଦେଇ ଉଭୟ ଅନୁଷ୍ଠାନର ମିଳିତ ଉଦ୍ୟମରେ ଶିକ୍ଷା, ସଂସ୍କୃତି ଓ ଆତ୍ମନିର୍ଭରଶୀଳତା କ୍ଷେତ୍ରରେ ଗଠନାତ୍ମକ ପରିବର୍ତ୍ତନ ସମ୍ଭବ ହୋଇପାରିବ ବୋଲି ଆଶା ପ୍ରକାଶ କରିଥିଲେ। କୁଳସଚିବ କୁଙ୍କୁମୀନା ଦାସ ବର୍ତ୍ତମାନ ସମୟରେ ସାମାଜିକ-ସାଂସ୍କୃତିକ ମୂଲ୍ୟବୋଧର ପ୍ରାସଙ୍ଗିକତା ସବୁଠାରୁ ବେଶୀ ଗୁରୁତ୍ୱ ବହନ କରୁଛି ବୋଲି ପ୍ରକାଶ କରିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର୍ ମୁନେଶ୍ ଚନ୍ଦ୍ର ଅଧିକାରୀ, ପ୍ରଫେସର ଭିକାରୀ ଚରଣ ଗୁରୁଙ୍କ ସମେତ ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକବୃନ୍ଦ ଉପସ୍ଥିତ ଥିଲେ। ଶେଷରେ ଡ. ମିହିର ତନୟ ଦାସ କୃତଜ୍ଞତା ଜ୍ଞାପନ କରିଥିଲେ।

## ପ୍ରେମ ବିବାହ ପରେ ବୋହୂଙ୍କୁ ନିର୍ଯାତନା

# ଠାକୁର ଘର, ରୋଷେଇ ଘର ମନା

ଜଳେଶ୍ୱର, ୨୬।୭(ରବିନାରାୟଣ ପାତ୍ର)

ଭଲ ପାଇ ବିବାହ ପରେ ନୀଚ ଜାତି ବୋଲି ବୋହୂଙ୍କୁ ଠାକୁର ଘର ଓ ରୋଷେଇ ଶାଳ ବାରଣ ସହିତ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଛି। ତେଣୁ ନ୍ୟାୟ ପାଇଁ ମହିଳାଜଣକ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ବାଘାବାଳି ଗାଁର ଭାଗବତ ଜେନାଙ୍କ ସାନପୁଅ ଶାଶାଙ୍କ ଜେନା ବସ୍ତା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଅଢେଇବର୍ଷ ତଳେ ପ୍ରେମ ବିବାହ କରିଥିଲେ। ଚତୁର୍ଥୀ ପରଠାରୁ ଜାତିଆଣା ଆକ୍ଷେପ କରି ଠାକୁର ଘର ଓ ରୋଷେଇଶାଳାକୁ ଶାଶୁଘର ଲୋକେ ବାରଣ କରିଥିଲେ । ନୀଚ ଜାତି ବୋଲି ଜାଣି ମଧ୍ୟ ବିବାହ ପରେ ମାନସିକ ଓ ଶାରୀରିକ ନିର୍ଯାତନା ଦିଆଯାଉଥିବାରୁ ମହିଳାଙ୍କ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା । ଥାନା ପକ୍ଷରୁ ମାମାଲା ରୁଜୁ ହୋଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ସମ୍ପୃକ୍ତ ମହିଳା ଅଭିଯୋଗ କରିଛନ୍ତି । ଏବେ ମହିଳାଙ୍କର ୨ବର୍ଷର ସନ୍ତାନ ଅଛନ୍ତି।

# ଆଚାର୍ଯ୍ୟାଙ୍କୁ ଛତା ବଣ୍ଟନକଲେ ଭାଜପା ମୁଖପାତ୍ର

## ଏକଲ ବିଦ୍ୟାଳୟ ଅଭ୍ୟାସବର୍ଗର ଉଦ୍‌ଯାପନୀ ସମାରୋହ

ଖଇରା, ୨୬।୭(ଉତ୍କଳବନ୍ଧୁ ପଣ୍ଡା)



ଉଦଯାପନୀ ସମାରୋହରେ ମଞ୍ଚାସୀନ ଅତିଥି।

ବାଲେଶ୍ୱର ଜିଲା ଖଇରା ବ୍ଲକର ସମସ୍ତ ଏକଲ ବିଦ୍ୟାଳୟର ଆଚାର୍ଯ୍ୟ ଅଭ୍ୟାସ ବର୍ଗର ଉଦ୍‌ଯାପନୀ ସମାରୋହ ମଙ୍ଗଳବାର ଗଣ୍ଡିବେଢ଼ସ୍ଥିତ ଅଭିରାମ ପରମହଂସ ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଭାଜପା ରାଜ୍ୟ ମୁଖପାତ୍ର ଠାକୁର ରଞ୍ଜିତ ଦାସ ଯୋଗ ଦେଇ ସେବା ମନୋବୃତ୍ତି ନେଇ କାର୍ଯ୍ୟ କରୁଥିବା ସମସ୍ତ ଆଚାର୍ଯ୍ୟାଙ୍କୁ ବର୍ଷା ଦିନକୁ ଆଖିରେ ରଖି ଶିକ୍ଷାଦାନକୁ ପ୍ରୋତ୍ସାହିତ କରିବାକୁ ଛତା ବଣ୍ଟନ କରିଥିଲେ। ଏ ଅଭିଯାନ କିପରି ଆଗକୁ ବଢ଼ିପାରିବ ସେ ବିଷୟରେ ବୁଝାଇବା ସହିତ ନିଜକୁ ଉତ୍ସର୍ଗ କରି ପଛୁଆ ଅଞ୍ଚଳରେ ଆଦିବାସୀ ଏବଂ ହରିଜନ ପିଲାଙ୍କୁ ଶିକ୍ଷାଦାନ ଦେଉଥିବାରୁ ଉପସ୍ଥିତ ଥିବା ଏକଲ ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟାଙ୍କୁ ପ୍ରଶଂସା କରିବା ସହିତ ଧାନ୍ୟବାଦ ଜଣାଇଥିଲେ। ଅନ୍ୟ ଅତିଥିଭାବେ ବାବା ଜଗାନନ୍ଦ ଦାସ, ବିଶ୍ୱହିନ୍ଦୁ ପରିଷଦର ପ୍ରବକ୍ତା ହରିହର ତ୍ରିପାଠୀ, ନାରୀନେତ୍ରୀ ଶିବାନୀ ମହାନ୍ତି, ଅଭିଯାନ ପ୍ରମୁଖ ମହେନ୍ଦ୍ର ମାଣ୍ଡି, ପ୍ରାଥମିକ ଶିକ୍ଷା ପ୍ରମୁଖ ଗୀତା ପ୍ରଭାସିନୀ ପାଢ଼ୀ, ସରସ୍ୱତୀ ବିଶ୍ୱାଳ, ଆରତୀ ପରିଡ଼ା, ପ୍ରାଥମିକ ଶିକ୍ଷା ପ୍ରମୁଖ ପଦ୍ମିନୀ ମହନ୍ତ, ସଂସ୍କାର ପ୍ରମୁଖ ଝୁନୁବାଳା ସାହୁ, କନକଲତା ଘଡେଇ, ମୃତ୍ୟୁଞ୍ଜୟ ଶଙ୍ଖୁଆ, ଉର୍ମିଳା ନାୟକ, ସଞ୍ଚ ମାର୍ଗଦର୍ଶକ ଗୋଲକ ପ୍ରସାଦ ନାୟକ, ସଞ୍ଚ ସଭାପତି ସୁରେନ୍ଦ୍ର ପ୍ରସାଦ ରାଉତ, ଅଞ୍ଚଳର ସମ୍ପାଦକ ସୁବ୍ରତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅଭିଯାନ ଗତ ୧୬ ତାରିଖରୁ ଆରମ୍ଭ ହୋଇଥିଲା।

# ରାସ୍ତାରେ ଜମି ରହୁଛି ବର୍ଷାପାଣି



ରାସ୍ତାରେ ବର୍ଷା ପାଣି ଜମି ରହିଛି।

କେନ୍ଦୁଝର,୨୬।୭(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରଗଡ଼ ପୌରପାଳିକା ୯ ନମ୍ବର ୱାର୍ଡ ଜଗନ୍ନାଥପୁର ସାହି ରାସ୍ତାରେ ବର୍ଷା ଯୋଗୁ ଦୀର୍ଘଦିନ ହେଲା ପାଣି ଜମି ରହୁଛି। ଫଳରେ ଲୋକେ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଚାଲି ଚାଲି ଯାଉଥିବା ଲୋକ, ଛୋଟ ପିଲା ପାଣି ଭିତରେ ପଶି ଯିବା ଆସିବା କରୁଛନ୍ତି। ଦୀର୍ଘ ଦିନ ପାଣି ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଥିବା ବେଳେ ସାପ ଓ ଅନ୍ୟାନ୍ୟ ସରିସୃପ ଭୟ ଲାଗିରହୁଛି। ଡ୍ରେନେଜ୍ ବ୍ୟବସ୍ଥା ନ ଥିବାବେଳେ ନିର୍ମାଣ ହୋଇଥିବା ରାସ୍ତା ଠିକ୍ ପ୍ଲାନ୍‌ରେ ନିର୍ମାଣ ହୋଇ ନ ଥିବାରୁ ରାସ୍ତାରେ ପାଣି ଜମୁଥିବା ଅଭିଯୋଗ ହେଉଛି।

ପ୍ରକାଶ ଯେ, ଗତ ବର୍ଷ ଲକ୍ଷାଧିକ ଟଙ୍କା ବ୍ୟୟରେ ଫେଭର ବ୍ଲକ୍ ଏବଂ କଂକ୍ରିଟ ରାସ୍ତା ନିର୍ମାଣ ହୋଇଥିଲା। ମାତ୍ର ଠିକ୍ ଭାବରେ ପ୍ଲାନ୍ କରି ରାସ୍ତାର ଉଚ୍ଚତା ଓ ଡ୍ରେନେଜ୍ ବ୍ୟବସ୍ଥା କରାଯାଇ ନ ଥିବାରୁ ରାସ୍ତା ଉପରେ ପାଣି ଜମି ରହୁଛି। ରାସ୍ତା ନିର୍ମାଣ ସମୟରେ ବିଭାଗୀୟ ଯନ୍ତ୍ରୀମାନେ ଉପସ୍ଥିତ ରହି କାମ ଓ କାମର ମାନ ଦେଖୁ ନ ଥିବା ଏବଂ ଜବରଦଖଲ ଉଚ୍ଛେଦ କରି ରାସ୍ତା ସହିତ ଡ୍ରେନ୍ ବ୍ୟବସ୍ଥା କରାଯାଇ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟ କୌଣସି ବିକଳ୍ପ ରାସ୍ତା ନ ଥିବାରୁ ଏହି ରାସ୍ତା ଉପରେ ଶହ ଶହ ଲୋକ ନିର୍ଭର କର ଦୈନିକ ଦୁର୍ଦ୍ଦଶା ଭୋଗୁଛନ୍ତି। ସ୍ଥାନୀୟ ବରିଷ୍ଠ ନାଗରିକମାନେ ପୌର ପ୍ରଶାସନଠାରୁ ଆରମ୍ଭ କର ଜିଲା ପ୍ରଶାସନ ନିକଟରେ ବାରମ୍ବାର ଗୁହାରୀ ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଏ ନେଇ କେନ୍ଦୁଝରଗଡ଼ ପୌରପାଳିକା ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ସଂଗ୍ରାମ ବେହେରା କହିଛନ୍ତି, ଲୋକଙ୍କ ସମସ୍ୟା ନେଇ ଆମେ ଅବଗତ ଅଛୁ। ତୁରନ୍ତ ଜବରଦଖଲ ଉଚ୍ଛେଦ କରି ରାସ୍ତାକୁ ସୁଗମ କରିବା ସହ ଡ୍ରେନେଜ୍ ବ୍ୟବସ୍ଥା କରାଯିବ। ସେହିପରି ସହର ବିଭିନ୍ନ ସାହି ୱାର୍ଡରେ ବର୍ଷା ଦିନରେ ରାସ୍ତାଘାଟ ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ଏ ନେଇ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

# ଅପରେଶନ ବ୍ଲେଡ୍‌ରେ ଗଳା କାଟି ହତ୍ୟା ଉଦ୍ୟମ

ଆନନ୍ଦପୁର,୨୬।୭(ସନ୍ତୋଷ ରାଉତ)

- ପ୍ରାଣୀଧନ ନିରୀକ୍ଷକଙ୍କ ଉନ୍ମତ୍ତକାଣ୍ଡ
- ଉଦ୍ଧାର କରିବାକୁ ଯାଇଥିବା ଯୁବକ ଆହତ

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ କୋଲିମାଟି ପ୍ରାଣୀ ଚିକିତ୍ସା କେନ୍ଦ୍ରର ପ୍ରାଣୀଧନ ନିରୀକ୍ଷକ ଉନ୍ମତ୍ତକାଣ୍ଡ ଭିଆଇଛନ୍ତି। ନିଶାସକ୍ତ ଅବସ୍ଥାରେ ଅପରେଶନ ବ୍ଲେଡ୍‌ରେ ଜଣଙ୍କ ଗଳା କାଟି ହତ୍ୟା ଉଦ୍ୟମ କରିଛନ୍ତି। ବେକରେ ବ୍ଲେଡ୍ ଲାଗି ଜଣେ ବ୍ୟକ୍ତି ଗୁରୁତର ହୋଇଥିବା ବେଳେ ତାଙ୍କୁ ଉଦ୍ଧାର କରିବାକୁ ଯାଇଥିବା ଜଣେ ଯୁବକ ଆହତ ହୋଇଛନ୍ତି। ଉଭୟେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଘସିପୁରା ପୋଲିସ ପ୍ରାଣୀଧନ ନିରୀକ୍ଷକଙ୍କୁ ଅଟକ ରଖି ତଦନ୍ତ କରୁଛି।

ପୋଲିସ ସୂଚନା ମୁତାବକ, କୋଲିମାଟି ପ୍ରାଣୀ ଚିକିତ୍ସା କେନ୍ଦ୍ରର ପ୍ରାଣୀଧନ ନିରୀକ୍ଷକ ଶିବୁଲ ନାୟକ ଗାଁ ଛକରେ ନିଶାସକ୍ତ ଅବସ୍ଥାରେ ଶିବ ସୁନ୍ଦର ପ୍ରଧାନଙ୍କୁ ଗାଳିଗୁଲଜ କରୁଥିଲେ। ଘଟଣାକୁ ନେଇ ଉଭୟ ଶିବ ଓ ଶିବୁଲଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଯୁକ୍ତିତର୍କ ମଧ୍ୟରେ ଶିବ ପ୍ରାଣୀଧନ ନିରୀକ୍ଷକଙ୍କୁ ଏକ ଚାପୁଡ଼ା ମାରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ପ୍ରାଣୀଧନ ନିରୀକ୍ଷକ ନିଜ ପକେଟରେ ରଖିଥିବା ଅପରେଶନ୍ ବ୍ଲେଡ୍ ସହାୟତାରେ ଶିବ ସୁନ୍ଦରଙ୍କ ଗଳା କାଟିବାକୁ ଉଦ୍ୟମ କରିଥିଲେ। ବ୍ଲେଡ୍ ବେକ୍‌ରେ ଲାଗି କଟିଯାଇଥିଲା। ଘଟଣାସ୍ଥଳରେ ଉପସ୍ଥିତ ଶିବଙ୍କ ସାଙ୍ଗ ରାଜୁ ରଣା ଛଡ଼ାଇବାକୁ ଆସିଥିବାବେଳେ ସେ ବ୍ଲେଡ୍ ଆକ୍ରମଣର ଶିକାର ହୋଇଥିଲେ। ଫଳରେ ତାଙ୍କ ପେଟ କଟିଯାଇଥିଲା। ସୂଚନା ପାଇ ଘସିପୁରା ଥାନା ଅଧିକାରୀ ବିକ୍ରମ କୁମାର ଭୂୟାଁ ସଦଳବଳ ପହଞ୍ଚି ଶିବୁଲଙ୍କୁ ଥାନାକୁ ଆଣି ପଚରାଉଚୁରା ଜାରି ରଖିଥିବା ସୂଚନା ଦେଇଛନ୍ତି।

# ନୂତନ ଥାନା ଅଧିକାରୀଙ୍କ ଯୋଗଦାନ

ପାଟଣା,୨୬।୭(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନାରେ ବୁଧବାର ନୂତନ ଥାନା ଅଧିକାରୀ ଭାବେ ଦୀପ୍ତି ରଞ୍ଜନ ସାହୁ ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ



ସୁନ୍ଦରଗଡ଼ ଜିଲା ବିରମିତ୍ରପୁର ଓ ଭଣ୍ଡା ଥାନା ଅଧିକାରୀ ଭାବେ ତାଙ୍କର କାର୍ଯ୍ୟ କରିବାର ଦକ୍ଷତା ରହିଛି। ପାଟଣା ଅଞ୍ଚଳରେ ଆଇନଶୃଙ୍ଖଳା ରକ୍ଷା କରିବା ସହ ସମସ୍ତ ବେଆଇନ ଓ ଅପରାଧିକ କାର୍ଯ୍ୟକଳାପ ନିୟନ୍ତ୍ରଣ କରିବାକୁ ପ୍ରାଥମିକତା ଦେବେ ବୋଲି କହିଛନ୍ତି। ପାଟଣା ଥାନାର କାର୍ଯ୍ୟରତ ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନଙ୍କ ସୁନ୍ଦରଗଡ଼ ଜିଲାକୁ ବଦଳି ହୋଇଛି।

# କୁରୁଡ଼ା-ମଠସାହି ରାସ୍ତାକୁ 'ଶହୀଦ ଗଙ୍ଗାରାମ ମାର୍ଗ' ଦାବି

## କାର୍‌ଗିଲ ବିଜୟ ଦିବସରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ରସାଲପୁର, ୨୬।୭(ଶରତ ସାମଲ)



ଶହୀଦ ଗଙ୍ଗାରାମ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି।

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନ କୁରୁଡ଼ା ଅଞ୍ଚଳର ହରିଡ଼ାଠାରେ ଶହୀଦ ଗଙ୍ଗାରାମ ସ୍ମୃତି ପରିଷଦ ପକ୍ଷରୁ ବୁଧବାର କାର୍ଗିଲ ବିଜୟ ଦିବସ ପାଳନ କରାଯାଇଛି। ଗତ ୧୯୯୯ କାରଗିଲ ଲଢ଼େଇରେ ଦେଶ ମାତୃକାକୁ ରକ୍ଷା କରିବାକୁ ଯାଇ ଦେଶ ପାଇଁ ପ୍ରାଣବଳି ଦେଇଥିବା 'ଶହୀଦ ଗଙ୍ଗାରାମ ଦାସ'ଙ୍କ ହରିଡ଼ାସ୍ଥିତ ବାସଭବନରେ ଶହୀଦଙ୍କ ପ୍ରତିମୂର୍ତ୍ତି ନିକଟରେ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଭୂତପୂର୍ବ ସୈନିକ ସଙ୍ଗଠନ, ସ୍ଥାନୀୟ ଶିକ୍ଷାନୁଷ୍ଠାନ ଓ ଅନେକ ଦେଶପ୍ରେମୀ ଯୋଗଦେଇ ଶହୀଦମାନଙ୍କୁ କାରଗିଲ ବିଜୟ ଦିବସ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ସ୍ମୃତି ପରିଷଦର ସଭାପତି ସୁବେଦାର ମେଜର ବିଜୟ କୁମାର ଦାସ ଯୋଗଦେଇ ଶହୀଦ ଗଙ୍ଗାରାମ ଦାସଙ୍କ ଭଳି ବଳିଦାନ ତଥା ବୀରତ୍ୱ ଆପଣାଇବାକୁ ଯୁବସମାଜକୁ ଆହ୍ୱାନ ଦେଇଥିଲେ। ପରିଷଦ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ଗିରି ଯୋଗଦେଇ 'କୁରୁଡ଼ା ଛକରୁ ମଠସାହି ତାରିଣୀ ମନ୍ଦିର ଛକ' ଭାୟା : ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ରାସ୍ତାକୁ 'ଶହୀଦ ଗଙ୍ଗାରାମ ମାର୍ଗ' ବୋଲି ଘୋଷଣା କରିବା ପାଇଁ ବାରମ୍ବାର ପ୍ରଶାସନ ନିକଟରେ ଦାବି କରିଆସୁଥିଲେ। କୌଣସି ପ୍ରଶାସନିକ ଅଧିକାରୀ କିମ୍ବା ନେତା ଏଥିପ୍ରତି ଦୃଷ୍ଟଗୋଚର କରୁ ନ ଥିବା ଦୁର୍ଭାଗ୍ୟଜନକ। ୧ ମାସ ମଧ୍ୟରେ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ସ୍ଥାନୀୟ ବାସିନ୍ଦା ଉକ୍ତ ମାର୍ଗର କୁରୁଡ଼ା ଛକଠାରେ ନିଜ ଆଡୁ ନାମଫଳକ ଲଗାଇବେ ବୋଲି ପ୍ରକାଶ କରିଥିଲେ। ପରିଷଦ ସଦସ୍ୟ ସୁଶାନ୍ତ କୁମାର ପରିଡ଼ା ଆସନ୍ତା କାରଗିଲ ବିଜୟ ଦିବସ ପୂର୍ବରୁ ସ୍ଥାନୀୟ ଯୁବକମାନଙ୍କ ସହଯୋଗରେ ଶହୀଦ ଗଙ୍ଗାରାମଙ୍କ ଉଦ୍ଦେଶ୍ୟରେ ଏକ ଉଦ୍ୟାନ ଓ ପାଠାଗାର ସ୍ଥାପନ କରିବା ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗ କାମନା କରିଥିଲେ। ସଦସ୍ୟ ରଞ୍ଜନ କୁମାର ନୟାଜ, ଉତ୍ତମ ରାଉତ, ସତ୍ୟବ୍ରତ ସ, ଶୁଭେନ୍ଦୁ ଦାସ, ଗୌତମ ପାଣି, କରୁଣାକର ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଜିଲାର ଏକମାତ୍ର କାର୍‌ଗିଲ ଯୋଦ୍ଧାଙ୍କୁ ଭୁଲିଗଲେ

ଚାନ୍ଦବାଲି,୨୬।୭(କିଶାନ ପାତ୍ର)

ଦେଶ ଓ ରାଜ୍ୟର ବିଭିନ୍ନ ସ୍ଥାନରେ ବୁଧବାର କାରଗିଲ୍ ଶହୀଦ ଦିବସ ପାଳିତ ହୋଇଛି। ପାକିସ୍ତାନୀ ସେନା ଗୁଳିରେ ପ୍ରାଣ ହରାଇଥିବା ଭଦ୍ରକ ଜିଲାର ବୀର ସିପାହୀ ନିରଞ୍ଜନ ବେହେରାଙ୍କୁ ପ୍ରଶାସନ ଭୁଲିଯାଇଛି। ଚାନ୍ଦବାଲି ପ୍ରଶାସନ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ନ ଦେବାକୁ ନେଇ ଜନସାଧାରଣ ଅସନ୍ତୋଷ ପ୍ରକାଶ କରିଛନ୍ତି। କ୍ରାନ୍ତିକାରୀ ସଂଗଠନ କାର୍ଯ୍ୟକର୍ତ୍ତାମାନେ ତାଙ୍କ ଜନ୍ମ ମାଟି ଚାନ୍ଦବାଲି ବ୍ଲକ୍ ଉତୁକୁଡ଼ା ପଞ୍ଚାୟତର ପାଁଗୁଡ଼ା ଗ୍ରାମରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଶହୀଦ ପୀଠରେ ଚାଲୁଥିବା ପାର୍କ ନିର୍ମାଣ କାର୍ଯ୍ୟକୁ ପ୍ରଶାସନ ବନ୍ଦ କରିବାକୁ ଲୋକେ ନାପସନ୍ଦ କରିଛନ୍ତି। ଉତୁକୁଡ଼ା ସରପଞ୍ଚଙ୍କ ପ୍ରତିନିଧି ସୁଶାନ୍ତ ପୁହାଣ କହିଛନ୍ତି, ପାର୍କ ନିର୍ମାଣ ଜାଗା ଗୋଚର ବୋଲି ୨୪ ବର୍ଷ ପରେ ପ୍ରଶାସନ ଜାଣିଲା। ଗୋଚର ଜାଗାରେ ସମାଧି କେମିତି ନିର୍ମାଣ କଲେ ବୋଲି ପ୍ରଶ୍ନ କରିଛନ୍ତି।

# କାର୍‌ଗିଲ ବିଜୟ ଦିବସରେ ତିଳତର୍ପଣ

ଭୋଗରାଇ, ୨୬।୭(ପ୍ରଦୀପ ଦାସ)

ବାଲେଶ୍ୱର ଭାରତୀୟ ଭେଟେରାନର ସଂଘ ଭୋଗରାଇ ଓ ଜଳେଶ୍ୱର ଶାଖା ପକ୍ଷରୁ ଅବସରପ୍ରାପ୍ତ ସାମରିକ ଅଧିକାରୀଙ୍କ ଦ୍ୱାରା ବୁଧବାର ସକାଳେ ତାଳସାରୀ ବେଳାଭୂମିଠାରେ କାରଗିଲ ବିଜୟ ଦିବସ ଓ କାରଗିଲ ଯୁଦ୍ଧରେ ନିହତ ହୋଇଥିବା ଅମର ଶହୀଦମାନଙ୍କ ଉଦ୍ଦେଶ୍ୟରେ ସମୁଦ୍ରରେ ତିଳତର୍ପଣ କରାଯାଇଥିଲା। ସେଠାରେ ପଥପ୍ରାନ୍ତ ସ୍ମୃତିସଭାରେ ଅବସରପ୍ରାପ୍ତ ସାମରିକ କର୍ମଚାରୀ ଭୋଗରାଇ ଭେଟେରାନ ସଙ୍ଗଠନର ସଭାପତି ଆଶିଷ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ଭାରତୀୟ ଭେଟେରାନ ସଙ୍ଗଠନର ଅଧ୍ୟକ୍ଷ ଅଶୋକ ଜେନା ଯୋଗଦେଇ ଅମର ଶହୀଦଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଳେଶ୍ୱର ଭେଟେରାନ ସଙ୍ଗଠନର ସମ୍ପାଦକ ପରେଶ ଚନ୍ଦ୍ର ଶତପଥି, ବିଦ୍ୟାସାଗର ଚନ୍ଦ, ସିଦ୍ଧାର୍ଥ ପ୍ରଧାନ, ବାବୁରାମ ମହାନ୍ତି, ରାଧାକାନ୍ତ ଭୋଳ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଜୟଗୋବିନ୍ଦ ଧଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।



ଭାରତୀୟ ଭେଟେରାନର ସଂଘ କର୍ମକର୍ତ୍ତାମାନେ ତିଳତର୍ପଣ କରୁଛନ୍ତି।

# କାର୍‌ଗିଲ ବିଜୟ ଦିବସ ପାଳିତ

ଚମ୍ପୁଆ,୨୬।୭(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆରେ କାର୍‌ଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଆନୁକୂଲ୍ୟରେ ପୂର୍ବତନ ସୈନିକ ସଂଘ ତତ୍ତ୍ୱାବଧାନରେ ସ୍ଥାନୀୟ ଶିଶୁ ମନ୍ଦିରରୁ ପୂର୍ବତନ ସୈନିକ ସଂଘ ଓ ଆରଏସ୍‌ଏସ୍ ସଂଘର ସଦସ୍ୟମାନେ ଏକ ପଦ ଯାତ୍ରାରେ ସହର ପରିକ୍ରମା କରିଥିଲେ। ସୈନିକ ସଂଘ ସଭାପତି ଚକ୍ରଧର ମହାନ୍ତ ସଦର ମହକୁମାରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ବିଜୟ ଦିବସ ପାଳନ ଅବସରରେ ଶିଶୁ ମନ୍ଦିର ସଭାଗୃହଠାରେ ଏକ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ, ପୂର୍ବତନ ସମ୍ପାଦକ ଗଙ୍ଗାଧର କର, ପୂର୍ବତନ ସୈନିକ କାର୍‌ଗିଲ ବିଜୟ ଦିବସ ଭାରତ ଇତିହାସର ଏକ ସୁର୍ଣ୍ଣମୟ ଫର୍ଦ୍ଦ ଯୋଡ଼ିଥିବା ବେଳେ କାର୍‌ଗିଲ ଶହୀଦମାନଙ୍କର ବୀରତ୍ୱର ପରିଚୟ ସବୁଦିନ ପାଇଁ ମନେ ରହିବ ବୋଲି ମତ ଦେଇଥିଲେ।

## ସ୍କୁଲରୁ ଚୋରି ବେଳେ ଧରାପଡ଼ିଲେ ଯୁବକ

ଗୋପବନ୍ଧୁ ନଗର,(ଶାନ୍ତନୁ କୁମାର ମଡୁଆଲ)- ଖୁଣ୍ଟା ଥାନା ତଥା ଡୁକୁରା ଫାଣ୍ଡି ଅନ୍ତର୍ଗତ ବାସିପିଠା ପଞ୍ଚାୟତ ଜଡାବଣୀ ପ୍ରାଥମିକ ସ୍କୁଲରେ ପଶି ମଙ୍ଗଳବାର ରାତିରେ ଚୋରି କରୁଥିବା ବେଳେ ଗ୍ରାମବାସୀ ଜଣେ ଯୁବକଙ୍କୁ କାବୁକରି ପୋଲିସ ଜିମା ଦେଇଛନ୍ତି। ପୋଲିସ ତାଙ୍କଠାରୁ ଚୋରି ସାମଗ୍ରୀ ଜବତ କରିଛି। ଅଭିଯୁକ୍ତ ଜଣକ ବଡ଼ସାହି ଥାନା ଅଧୀନ ବାଲିଯୋଡା ଗ୍ରାମର ଦୁରାଇ ହେମ୍ବ୍ରମ (୩୦) ବୋଲି ପୋଲିସ କହିଛି। ଏ ନେଇ ୱାର୍ଡମେମ୍ବର ଜଗନ୍ନାଥ ମାଝୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୦୭/୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

# ସଂକ୍ଷେପରେ

## ମହିଳାଙ୍କ ବେକରୁ ଝାମ୍ପି ନେଲେ ସୁନାଚେନ୍

ବେତନଟୀ,୨୬।୭(ଧରଣୀଧର ମହାନ୍ତି): ବେତନଟୀ ଥାନା ଅଧୀନ ୧୮ନଂ.ଜାତୀୟ ରାଜପଥର କରଞ୍ଜିଆ ଜଙ୍ଗଲଠାରେ ଜଣେ ମହିଳାଙ୍କ ବେକରୁ ୨ ଦୁର୍ବୃତ୍ତ ସୁନାଚେନ୍ ଝାମ୍ପିନେଇ ଫେରାର ହୋଇଯାଇଛନ୍ତି। ବେତନଟୀ ଅଞ୍ଚଳର ଦୀପକ କୁମାର ମହାନ୍ତଙ୍କ ସ୍ତ୍ରୀ ଶୁଚିସ୍ମିତା ତାଙ୍କ ବାପା ଅନନ୍ତ ନାରାୟଣ ମହାନ୍ତଙ୍କ ସହିତ ଏକ ବାଇକ୍‌ରେ ରାଗ୍‌ଧା ଯାଉଥିବା ବେଳେ ଏହି ଲୁଟ୍ ହେଇଥିଲା। ଏକ ବାଇକ୍‌ରେ ୨ ଦୁର୍ବୃତ୍ତ ପଛ ପଟୁ ଆସି ସୁନାଚେନ ଲୁଟିନେଇ ବାରିପଦା ଅଭିମୁଖେ ଚାଲି ଯାଇଥିଲେ। ଅଭିଯୋଗ ପାଇ ବେତନଟୀ ପୋଲିସ ତଦନ୍ତ ଜାରି ରଖିଛି।

## ଅନୁସୂଚିତ ଜନଜାତି ଲୋକ ପ୍ରତିନିଧିଙ୍କୁ ତାଲିମ

ପାଟଣା,୨୬।୭(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ସଭା ଗୃହରେ ବୁଧବାର ଅନୁସୂଚିତ ଜନଜାତିର ନିର୍ବାଚିତ ପ୍ରତିନିଧିଙ୍କୁ ନେଇ ଦକ୍ଷତା ବିକାଶ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଶିବିର ଅଗଷ୍ଟ ୧ ପର୍ଯ୍ୟନ୍ତ ଚାଲିବ। ଅନୁସୁଚିତ ଜାତି ଓ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଭୁବନେଶ୍ୱର ତରଫରୁ ପ୍ରଯୋଜିତ ହୋଇଥିବା ବଳେ କାର୍ଯ୍ୟକ୍ରମ ଜିଲା ମଙ୍ଗଳ ଅଧିକାରୀଙ୍କ ତରଫରୁ ଆୟୋଜିତ ହୋଇଛି। ପାଟଣା ବିଡ଼ିଓ ଶିବଶଙ୍କର ମୁର୍ମୁଙ୍କ ଅଧକ୍ଷତାରେ ବ୍ଲକ୍ ଅଧକ୍ଷା ଶୁକାନ୍ତି ନାଏକ, ଡବ୍ଲୁଓ ଶୁଭେନ୍ଦୁ ବଳ ଓ ପ୍ରଶିକ୍ଷକ ଭାବେ ଶିବନାଥ ପ୍ରଧାନ ଓ କୃଷ୍ଣଚନ୍ଦ୍ର ବାରିକ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ୍ ପଞ୍ଚାୟତ ରାଜ ସଂସ୍ଥାକୁ ପ୍ରତିନିଧିତ୍ୱ କରୁଥିବା ଜିଲା ପରିଷଦ ସଦସ୍ୟା, ସଦସ୍ୟ, ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ। ଏଥିରେ ଅନୁସୂଚିତ ଜନଜାତିର ନିର୍ବାଚିତ ପ୍ରତିନିଧି କିଭଳି ନିଜର ଅଧିକାର ସାବ୍ୟସ୍ତ କରି ସରକାରୀ କାର୍ଯ୍ୟକ୍ରମର ସଫଳ ରୂପାୟନ କରିପାରିବେ ସେ ବିଷୟରେ ତାଲିମ ପ୍ରଦାନ କରାଯାଇଛି।

## ମନ୍ଥର ଗତିରେ ଚାଲିଛି ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ
## ରାସ୍ତା ଖୋଲିବା ପରେ ମରାମତି ହେଉନି

ନୀଳଗିରି, ୨୬।୭(ପ୍ରଶାନ୍ତ ବିଶ୍ୱାଳ)- ନୀଳଗିରି ଏନ୍‌ଏସିର ୧୩ଟି ୱାର୍ଡ଼ରେ ବିଭିନ୍ନ ଅଧିବାସୀଙ୍କୁ ଶୁଦ୍ଧ ପାନୀୟ ଜଳଯୋଗାଣ ପାଇଁ ୯ କୋଟିର ଅନୁଦାନ ଅର୍ଥ ରାଜ୍ୟ ସରକାର ଅମୃତ ଯୋଜନାରେ ପ୍ରଦାନ କରିଛନ୍ତି। ମାତ୍ର ଏହି କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବା ବେଳେ କିଛି ଗାଁରେ ପକ୍କା ରାସ୍ତାକୁ ତାଡ଼ି ଛାଡି ଦିଆଯାଇଛି। ତାହାକୁ ମରାମତି କରାଯାଉ ନ ଥିବାରୁ ଅଞ୍ଚଳବାସୀ ଅସୁବିଧା ଭୋଗୁଛନ୍ତି। ଏନେଇ ବହୁବାର ଯନ୍ତ୍ରୀଙ୍କୁ ଅବଗତ କରାଯାଇଥିଲେ ମଧ କୌଣସି ସୁଫଳ ମିଳିପାରିନାହିଁ। ବିଶେଷ କରି ପିଲାମାନେ ହଇରାଣ ହେଉଛନ୍ତି। ମାସ ମାସ ଧରି ଠିକାଦାର ପ୍ରକଳ୍ପ କାର୍ଯ୍ୟକୁ ଅଧାପନ୍ତରିଆ କରି ପକାଇଛନ୍ତି। ପକ୍କା ରାସ୍ତାକୁ ତାଡ଼ି ପାଇପ ଲାଇନ୍ ବିଛାଇଥିବା ବେଳେ ପାଣି ସଂଯୋଗ ହୋଇ ନ ଥିବାରୁ ଲୋକେ ପିଇବା ପାଣି ପାଇଁ ପୋଖରୀ ଓ ନଳକୂପ ଉପରେ ଭରସା କରୁଛନ୍ତି। ରତ୍ନାକର ଟାଉନ୍ ହାଇସ୍କୁଲ ରାସ୍ତା ଖୋଳା ହୋଇ ମାସ ମାସ ଧରି ପକାଇଥିବା ଯୋଗୁ ସ୍କୁଲ ପିଲାମାନେ ଅସୁବିଧା ଭୋଗୁଛନ୍ତି। ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ସନ୍ତୋଷଜନକ ଉତ୍ତର ଦେଉନାହାନ୍ତି।

# ନିର୍ବାଚିତ ଜନପ୍ରତିନିଧି, ପ୍ରଶାସକଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱ

## ଓଡ଼ିଶା ବିଧାନସଭା ଏଥିକ୍ସ କମିଟିର ବାଲେଶ୍ୱର ଗସ୍ତ

ବାଲେଶ୍ୱର, ୨୬।୭(ମାନସ ବିଶ୍ୱାଳ)



ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକ।

ବାଲେଶ୍ୱର ଜିଲା ଗସ୍ତରେ ଆସିଛନ୍ତି ଓଡ଼ିଶା ବିଧାନସଭା ଏଥିକ୍ସ କମିଟି। ଏହି ଅବସରରେ ଜିଲା ପ୍ରଶାସନ ପକ୍ଷରୁ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକ ଆୟୋଜିତ ହୋଇଥିଲା। ବୈଠକରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ପରେ ଜିଲାରେ ସମ୍ପ୍ରତି କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। କମିଟି ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ସମେତ ସରକାରୀ ଦଳ ମୁଖ୍ୟ ସଚେତକ ତଥା ଜଗତସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ଦିଗପହଣ୍ଡି ବିଧାୟକ ସୂର୍ଯ୍ୟନାରାୟଣ ପାତ୍ର, ଭଣ୍ଡାରୀପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର, ନର୍ଲା ବିଧାୟକ ଭୁପିନ୍ଦର ସିଂହ, ଭୋଗରାଇ ବିଧାୟକ ଅନନ୍ତ ଦାସ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଖୋର୍ଦ୍ଧା ଜୟଦେବ ବିଧାୟକ ଅରବିନ୍ଦ ଢାଲି, ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ଦେଓଗଡ଼ ବିଧାୟକ ସୁବାଶ ଚନ୍ଦ୍ର ପାଣିଗ୍ରାହୀ, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ମୋହନା ବିଧାୟକ ଦାଶରଥୀ ଗୋମାଙ୍ଗ, କନ୍ଧମାଳ ବିଧାୟକ ଅଙ୍ଗଦ କହଁର, ପଟ୍ଟାଙ୍ଗୀ ବିଧାୟକ ପିତମ ପାଢ଼ୀ, ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲା, ଯଶୀପୁର ବିଧାୟକ ଗଣେଶ ରାମ ସିଂ ଖୁଣ୍ଟିଆ, ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଓ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ପ୍ରମୁଖ ଯୋଗଦେଇ ଜିଲାର ପ୍ରଶାସନିକ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ବିଶେଷ କରି ବିଭିନ୍ନ ବ୍ଲକରେ ଅସମ୍ପୂର୍ଣ୍ଣ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ଉପରେ କମିଟିର ସଦସ୍ୟମାନେ ଗୁରୁତ୍ୱାରୋପ କରିଥିଲେ। ଏଥିସହିତ ସରକାରଙ୍କ ଲୋକାଭିମୁଖୀ ଯୋଜନାର ସଫଳ ରୂପାୟନ ପାଇଁ ଜିଲାର ନିର୍ବାଚିତ ଲୋକପ୍ରତିନିଧିମାନଙ୍କ ସହିତ ପ୍ରଶାସନିକ ଅଧିକାରୀଙ୍କ ସୁସମ୍ପର୍କ ରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶା ସରକାରଙ୍କ ସଂସଦୀୟ ବ୍ୟାପାର ବିଭାଗର ବୁକ ସର୍କୁଲାର ୪୭ ଅନୁଯାୟୀ ପ୍ରତ୍ୟେକ କ୍ଷେତ୍ରରେ ଜନସାଧାରଣଙ୍କୁ ପ୍ରତିନିଧିତ୍ୱ କରୁଥିବା ବିଧାୟକ ଓ ଅନ୍ୟ ଲୋକପ୍ରତିନିଧିମାନଙ୍କ ସହ ସମନ୍ୱୟ ରକ୍ଷା ପୂର୍ବକ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ ପାଇଁ ପରାମର୍ଶ ଦେଇଥିଲେ। ସାଧାରଣ ଲୋକଙ୍କ ସମସ୍ୟାକୁ ନେଇ ଜନପ୍ରତିନିଧିମାନେ ବିଭିନ୍ନ ବିଭାଗକୁ ଲେଖୁଥିବା ଚିଠି ଉପରେ ତ୍ୱରିତ୍ ପଦକ୍ଷେପ ନେବାକୁ ସଦସ୍ୟମାନେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସର୍ବୋପରି ନିର୍ବାଚିତ ଲୋକପ୍ରତିନିଧିମାନଙ୍କ ମର୍ଯ୍ୟାଦା ରକ୍ଷା ସହ ପ୍ରଶାସନିକ ଅଧିକାରୀମାନେ ସମସ୍ତ କାର୍ଯ୍ୟ ସମ୍ପାଦନ ପାଇଁ ବୈଠକରେ ଉପସ୍ଥିତ ଏଥିକ୍ସ କମିଟି ସଦସ୍ୟମାନେ କହିଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ, ଅତିରିକ୍ତ ଜିଲାପାଳ ସୁଧାକର ନାୟକ, ଉପଜିଲାପାଳ କୁନାଲ ମୋତିରାମ ଚଭନ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ଜମି ଚିହ୍ନଟ

ଚମ୍ପୁଆ,୨୬।୭(ମହେଶ୍ୱର ଦାସ)


ବିଧାୟିକା ମିନାକ୍ଷୀ ମହାନ୍ତ ଓ ଅନ୍ୟମାନେ।

କେନ୍ଦୁଝର ଜିଲା ଚମ୍ପୁଆରେ ପ୍ରସ୍ତାବିତ କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ବୁଧବାର ରାଜସ୍ୱ ବିଭାଗ ପକ୍ଷରୁ ଜମି ଚିହ୍ନଟ କରାଯିବା ସହ ଖୁଣ୍ଟ ପୋତି ପରିସୀମା ନିର୍ଦ୍ଧାରଣ କରାଯାଇଛି। ଏହି କେନ୍ଦ୍ରୀୟ ବିଦ୍ୟାଳୟ ୨୦୧୯ରୁ ପ୍ରସ୍ତାବିତ ହୋଇଥିଲେ ହେଁ ଏହାର କାର୍ଯ୍ୟକ୍ଷମ ନେଇ ଅନିଶ୍ଚିତତା ଦେଖା ଯାଇଥିଲା। ବିଶେଷ ଭାବରେ ସ୍ଥାନ ନିରୂପଣ ଓ ଜମିର କିଶମ ପରିବର୍ତ୍ତନ ପ୍ରମୁଖ ସମସ୍ୟା ହୋଇ ଠିଆ ହୋଇଥିଲା। ଏପରିକି ପ୍ରାଥମିକ ପର୍ଯ୍ୟାୟରେ ଅସ୍ଥାୟୀଭାବରେ ବିଦ୍ୟାଳୟ ଖୋଲିବା ପାଇଁ ସ୍ଥାନୀୟ ଚନ୍ଦ୍ରଶେଖର ମହାବିଦ୍ୟାଳୟଠାରେ ଆନୁସାଙ୍ଗିକ ବ୍ୟବସ୍ଥା କରାଯାଇଥିଲା। ମାତ୍ର ଜଙ୍ଗଲ କିଶମ ପଡ଼ିବାରୁ ପ୍ରଥମେ ୨.୦୫ ଏକର ଜମିର କିଶମ ପରିବର୍ତ୍ତନ କରାଯାଇଥିଲେ ମଧ ସହରାଞ୍ଚଳ ପାଇଁ ୫ ଏକର ଜମିର ଆବଶ୍ୟକ ପଡ଼ିଥିଲା। ବିଭିନ୍ନ ସଂଗଠନ ପକ୍ଷରୁ ବାରମ୍ବାର ଦାବି ଦୋହରାଇବାରୁ ରାଜସ୍ୱ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ କରାଯାଇ ପୁଣି ଜମି କିଶମ ପରିବର୍ତ୍ତନ ଆବଶ୍ୟକ ଜମି ଯୋଗାଇ ଦିଆଯାଇଥିଲା। ସୀମା ନିର୍ଦ୍ଧାରଣ ବେଳେ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ, ଏନ୍‌ଏସି ଚେୟାରମ୍ୟାନ ଗିରିଜା ଶଙ୍କର ସାହୁ, ବିକାଶ ପରିଷଦ ସଭାପତି ଧନୁର୍ଜ୍ୟୟ ଲାଗୁରି, ସମ୍ପାଦକ ଶାନ୍ତନୁ କୁମାର ଦାସ, ପୂର୍ବତନ ସମ୍ପାଦକ ସତ୍ୟବାନ କର ଓ ଜିଲା କେଭି ଅଧକ୍ଷ ଶୁଶାନ୍ତ ସେଠୀ ଏବଂ ଗଣମାଧମ ପ୍ରତିନିଧି ଉପସ୍ଥିତ ଥିଲେ। ଜିଲା ପ୍ରଶାସନ ୧୦ ଦିନ ଭିତରେ ଜମିପଟ୍ଟା ଓ ଲିଜ ଏଗ୍ରିମେଣ୍ଟ ଯୋଗାଇ ଦେଲେ ଅଗଷ୍ଟ ୧୫ ଭିତରେ ବିଦ୍ୟାଳୟ କାର୍ଯ୍ୟକ୍ଷମ ହେବ ବୋଲି ଜିଲା କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ଶୁଶାନ୍ତ କୁମାର ସେଠୀ ପ୍ରକାଶ କରିଛନ୍ତି।

## ନିଶାଦେଇ ଲୁଟ୍ ଅଭିଯୋଗରେ ଗିରଫ ଘଟଣା

# ଆଟିୟାନ ଟାବ୍‌ଲେଟ ଖୁଆଇ ଲୁଟୁଥିଲେ

ଆନନ୍ଦପୁର,୨୬।୭(ସନ୍ତୋଷ ରାଉତ)

କେନ୍ଦୁଝର ଜିଲା ଆନନ୍ଦପୁର ପୋଲିସ ଦ୍ୱାରା ଗିରଫ ବହୁ ଚର୍ଚ୍ଚିତ ନିଶାଦେଇ ଲୁଟୁଥିବା ଅଭିଯୁକ୍ତ ବ୍ରଜବନ୍ଧୁ ରଣା ଆଟିୟାନ୍ ଟାବଲେଟ୍ ଦେଇ ଲୁଟ୍ କରୁଥିଲେ। ୭ ମାସ ମଧରେ ଅଭିଯୁକ୍ତଙ୍କ ନାମରେ ବିଭିନ୍ନ ଥାନାରେ ୩୦ ମାମଲା ହୋଇଥିବାବେଳେ ଆନନ୍ଦପୁର ଉପଖଣ୍ଡରେ କେବେଳ ୧୫ ମାମଲା ରହିଛି। ମଙ୍ଗଳବାର ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ଆନନ୍ଦପୁର ଥାନା ଏସ୍‌ଆଇ ତଥା ତଦନ୍ତକାରୀ ଅଧିକାରୀ ସିଲୁ ମଲ୍ଲିକଙ୍କ ନିକଟରୁ ସୂଚନା ମିଳିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ୨୦୦୯ ରୁ ସେ ଘର ଛାଡ଼ି ବାହାରେ ରହିଆସୁଥିଲା। ୨୦୨୧ ରେ କୋଲକାତାରୁ ଫେରି ବାଲେଶ୍ୱର ଅଞ୍ଚଳରେ ରହୁଥିଲେ। ୧୭ ଡିସେମ୍ବର ୨୦୨୨ ରେ ଆନନ୍ଦପୁରରେ ପ୍ରଥମ ମାମଲା ଦାୟର ହୋଇଥିଲା। ବ୍ୟବସାୟୀମାନଙ୍କୁ ଫଶାଇ ଆଟିୟାନ ଟାବ୍‌ଲେଟ୍‌ର ସହାୟତାରେ ନିଜର ଲୁଟ୍‌ତରାଜ ଜଳାଇଥିଲେ। ଭଦ୍ରକ, ବାଲେଶ୍ୱର ଓ କେନ୍ଦୁଝର ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଲୁଟ୍ ଅଭିଯୋଗ ବଢ଼ିବା ପରେ ପୋଲିସ କର୍ମଚାରୀ ସାଦା ପୋଷାକରେ ନିୟୋଜିତ ହୋଇ ଅଭିଯୁକ୍ତ ଉପରେ ନଜର ରଖିବା ଆରମ୍ଭ କରିଥିଲେ। ଗଣମାଧମରେ ଲୁଟେରାର ଫଟୋ ଓ ବାଇକ୍ ନମ୍ବର ପ୍ରକାଶ ପାଇବା ପରେ ଲୋକମାନେ ମଧ ସଚେତନ ହୋଇଥିଲେ। ଶେଷରେ ସୋମବାର ପୋଲିସ ଅଭିଯୁକ୍ତଙ୍କୁ ଠାବ କରିବାରେ ସଫଳ ହୋଇଥିଲା। ଆନନ୍ଦପୁର ଥାନାରେ ମାମଲା(ନଂ. ୧୫୪/୨୩) ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଛି।

# ଜିଲାର ୩ ପିଏଚ୍‌ସିକୁ 'ଏନ୍‌କ୍ୟୁଏଏସ୍ ପ୍ରମାଣପତ୍ର'


ଭୂଇଁପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନେ।

କେନ୍ଦୁଝର, ୨୬।୭(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାର ୩ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ପିଏଚ୍‌ସି)କୁ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଉନ୍ନତମାନର ସ୍ୱାସ୍ଥ୍ୟ ଭିତ୍ତିଭୂମି ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଣ ପାଇଁ ଏନକ୍ୟୁଏଏସ(ନ୍ୟାସନାଲ କ୍ୱାଲିଟି ଆସ୍ୟୁରାନ୍ସ ଷ୍ଟାଣ୍ଡାର୍ଡ଼) ପ୍ରୋଗ୍ରାମ ଅନ୍ତର୍ଗତ 'କ୍ୱାଲିଟି ସାର୍ଟିଫିକେସନ' ପ୍ରଦାନ କରାଯାଇଛି। ଏହି ହସ୍ପିଟାଲ ଗୁଡ଼ିକ ହେଉଛି ଘଟଗାଁ ବ୍ଲକ୍‌ର ପଣ୍ଡାପଡ଼ା, ହରିଚନ୍ଦନପୁର ବ୍ଲକ୍‌ର ଜଙ୍ଘିରା ଓ ଚମ୍ପୁଆ ବ୍ଲକ୍‌ର ଭୂଇଁପୁର ପିଏଚ୍‌ସି। ୨୩ ଜୁନ୍‌ରୁ ୨୮ ଜୁନ୍ ମଧରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟରୁ ଉଚ୍ଚସ୍ତରୀୟ ଟିମ୍ କେନ୍ଦୁଝର ଗସ୍ତରେ ଆସି ଏସବୁ ହସ୍ପିଟାଲ ପରିଦର୍ଶନ କରିଥିଲେ। ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମ୍‌ଏଫ) ସହାୟତାରେ ଏସବୁ ହସ୍ପିଟାଲରେ ହୋଇଥିବା ଉନ୍ନତମାନର ଭିତ୍ତିଭୂମି ଦେଖି କେନ୍ଦ୍ରୀୟ ଟିମ୍ ଅଭିଭୂତ ହେବାସହ ରୋଗୀଙ୍କୁ ମିଳୁଥିବା ଗୁଣାତ୍ମକ ସ୍ୱାସ୍ଥ୍ୟ ସେବାକୁ ନେଇ ସନ୍ତୋଷ ବ୍ୟକ୍ତ କରିଥିଲେ। ସମସ୍ତ ବ୍ୟବସ୍ଥା ଦେଖିସାରିବା ପରେ କେନ୍ଦ୍ରୀୟ ଟିମ୍ ତିନୋଟି ପିଏଚ୍‌ସିକୁ ଏନକ୍ୟୁଏଏସ ପ୍ରାବଧାନ ଆଧାରରେ ପଣ୍ଡାପଡ଼ାକୁ ୯୦.୨୪%, ଜଙ୍ଘିରାକୁ ୮୯.୦୬% ଓ ଭୂଇଁପୁର ପିଏଚ୍‌ସିକୁ ୮୫.୪୩% ସ୍କୋର ପ୍ରଦାନ କରିଛନ୍ତି। ଏ ନେଇ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଯୁଗ୍ମ ସଚିବ ବିଶାଳ ଚୌହାଣ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସଚିବଙ୍କୁ ଏକ ଚିଠି ଜରିଆରେ ଜଣାଇଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com


@ସିପି


@ତପସ୍ୱିନୀ

ସେଲ୍‌ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

ବିଶୋଇ(ଅମିତ ଦାସ)/ରାଇରଙ୍ଗପୁର (ମାନସ ମହାନ୍ତି), ୨୬।୭

## ଚିକିତ୍ସାରେ ଅବହେଳା ଅଭିଯୋଗ

ବିଶୋଇ ଥାନା ଅଧୀନ ବାଉତିବେଡ଼ା ପଞ୍ଚାୟତର ସୁନାପୋଷି ଗ୍ରାମରେ ସାପ କାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ମଦନ ମୁର୍ମୁଙ୍କ ପୁଅ ବିଜୟ (୨୨)। ମଙ୍ଗଳବାର ରାତିରେ ସେ ପରିବାର ଲୋକଙ୍କ ସହିତ ନିଜ ଘର ମାଟି ଚଟାଣରେ ଶୋଇଥିଲେ। ସକାଳୁ ପରିବାର ଲୋକେ ଉଠି ବିଜୟଙ୍କୁ ଡାକିବାରୁ ସେ ନିସ୍ତେଜ ହୋଇ ପଡ଼ିଥିଲେ। ପରେ ପରିବାର ଲୋକେ ଘର ମଧରେ ଏକ ଚିତି ସାପ ଦେଖିବାକୁ ପାଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ବିଳମ୍ବରେ ଚିକିତ୍ସା ଆରମ୍ଭ କରି ବାରିପଦା ପିଆର୍‌ଏମ୍ ମେଡିକାଲକୁ ରେଫର ପାଇଁ ଲେଖିଥିଲେ। ତେବେ ୧୦୮ ଆମ୍ବୁଲାନ୍ସ ଆସିବା ବିଳମ୍ବ ଯୋଗୁ ରୋଗୀଙ୍କୁ ବେସରକାରୀ ଗାଡ଼ିରେ ବାରିପଦା ନେଇଯିବା ପାଇଁ ପରିବାର ଲୋକେ କହିଥିଲେ। ବେସରକାରୀ ଗାଡ଼ିରେ ଗଲେ ମେଡିକାଲ ପକ୍ଷରୁ ରେଫର କରାଯିବ ନାହିଁ ବୋଲି ଡାକ୍ତର ମନା କରିବା ସହିତ ରେଫର କାଗଜ ଫେରାଇ ଦେବା ପାଇଁ କହିଥିଲେ। କିଛି ସମୟ ପରେ ବିଜୟଙ୍କ ପ୍ରାଣବାୟୁ ଉଡ଼ି ଯାଇଥିଲା। ତେବେ ଚିକିତ୍ସାରେ ଅବହେଳା ଯୋଗୁ ବିଜୟଙ୍କ ମୃତ୍ୟୁ ଘଟିଲା ବୋଲି ତାଙ୍କ ବାପା ଅଭିଯୋଗ କରିଛନ୍ତି। ଏନେଇ ବିଶୋଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଷଢ଼େଇରେ ତିଆରି ଡାକୋଟା ବିମାନ ଯିବ ନବୀନ ନିବାସ


ଶିଳ୍ପୀ ବିଜୟଙ୍କ ସହ ବିଜୁ ଜନତା ଦଳର ମହିଳା ନେତ୍ରୀମାନେ।

ଉଦଳା,୨୬।୭(ସନ୍ତୋଷ କୁମାର ବାଛିନୀ)

## ଶିଳ୍ପୀ ବିଜୟଙ୍କୁ ଭେଟିଲେ ବିଏମ୍‌ସି ପୂର୍ବତନ ଡେପୁଟି ମେୟର ଭାରତୀ ସିଂ

ଉଦଳା ଏନ୍‌ଏସି ଅଧୀନ ୭ନଂ. ୱାର୍ଡର ବାସିନ୍ଦା ଯୁବଶିଳ୍ପୀ ବିଜୟ କମିଳା ୨ ମାସ ଅକ୍ଳାନ୍ତ ପରିଶ୍ରମ କରି ନଡ଼ିଆ ଷଢ଼େଇରେ ତିଆରି କରିଛନ୍ତି ଅବିକଳ ଡାକୋଟା ବିମାନ। ବିଜୟଙ୍କର ଇଚ୍ଛା ଥିଲା ଏହି ଡାକୋଟା ବିମାନକୁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଦେବେ ବୋଲି। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପରେ ଶିଳ୍ପୀ ବିଜୟଙ୍କୁ ବିଏମ୍‌ସିର ପୂର୍ବତନ ଡେପୁଟି ମେୟର ଭାରତୀ ସିଂ ଭେଟିବା ସହିତ ପୁଷ୍ପଗୁଚ୍ଛ ଏବଂ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଭାରତୀଙ୍କ ସହିତ ବିଜୁ ଜନତା ଦଳର ମହିଳା ନେତ୍ରୀ ଶାନ୍ତିଲତା ସାହୁ, ମନୋରମା ପାତ୍ର, ମିଶନ ଶକ୍ତିର ସୁନିତା ସିଂ ଡାକୋଟା ବିମାନର ପ୍ରତିକୃତି ଦେଖି ବେଶ୍ ଖୁସି ବ୍ୟକ୍ତ କରିଥିଲେ। ଏହା ବ୍ୟତୀତ ବିମାନ ଭିତରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତିକୃତି ମଧ ଶିଳ୍ପୀ ବିଜୟ ଅତି ସୁନ୍ଦର ଭାବେ ତିଆରି କରିଛନ୍ତି। ଏହି ଚିତ୍ର ଦେଖି ମହିଳା ନେତ୍ରୀମାନେ ଶିଳ୍ପୀଙ୍କୁ ପ୍ରଶଂସା କରିବା ସହିତ ଏହି ଡାକୋଟା ବିମାନ ପ୍ରତିକୃତି ଖୁବ୍‌ଶୀଘ୍ର ନବୀନ ନିବାସରେ ପହଞ୍ଚାଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦିଆଯିବ ବୋଲି କହିଛନ୍ତି। ଶିଳ୍ପୀଙ୍କର ପ୍ରତିଭା ଲୋକଲୋଚନକୁ ଆଣିବାରେ ତାଙ୍କୁ ସହଯୋଗ କରାଯିବ ବୋଲି ମିଶନ ଶକ୍ତିର ମହିଳାମାନେ ଦୃଢୋକ୍ତି ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ବିଜୟଙ୍କ ଦ୍ୱାରା ତିଆରି ଡାକୋଟା ବିମାନ ସମ୍ପର୍କରେ ଅବଗତ କରାଇ ସାରିବା ପରେ ଖୁବ୍ ଅଳ୍ପ ଦିନ ମଧରେ ଏହାକୁ ନବୀନ ନିବାସରେ ପହଞ୍ଚାଇ ଦିଆଯିବ ବୋଲି ସେମାନେ ପ୍ରତିଶ୍ରୁତି ଦେଇଛନ୍ତି। ଏଥିନେଇ ଶିଳ୍ପୀ ବିଜୟ ବେଶ ଖୁସି ବ୍ୟକ୍ତ କରିଛନ୍ତି।

# ଭାଜପାରେ ସାମିଲହେଲେ ଅନ୍ୟ ଦଳର କର୍ମୀ


ଭାଜପାରେ ଯୋଗ ଦେଇଥିବା ନୂତନ କର୍ମୀଙ୍କ ସହ ବିଧାୟକ ସୂର୍ଯ୍ୟବଂଶୀ ସୁରଜ।

ଧାମନଗର,୨୬।୭(ଦେବେନ୍ଦ୍ର ଆଢ଼ିଆ)

ଭଦ୍ରକ ଜିଲା ଧାମନଗର ବ୍ଲକ୍ ଆନନ୍ଦପୁର ପଞ୍ଚାୟତର କିଛି ଅନ୍ୟ ଦଳର କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ଏ ନେଇ ମଙ୍ଗଳବାର ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୁରଜଙ୍କ ଭଦ୍ରକସ୍ଥିତ ବାସଭବନରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଦଳରେ ନୂଆ କରି ସାମିଲ ହୋଇଥିବା ଗଜେନ୍ଦ୍ର ମାଝୀଙ୍କ ନେତୃତ୍ୱରେ କିଛି ଅନ୍ୟ ଦଳର କର୍ମୀ ଦଳ ଛାଡ଼ି ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ବିଧାୟକ ନୂତନ କର୍ମୀଙ୍କୁ ଦଳୀୟ ଟୋପି, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ମିଶ୍ରଣ ଯୋଗୁ ଆନନ୍ଦପୁର ପଞ୍ଚାୟତରେ ଦଳ ଅଧିକ ଶକ୍ତିଶାଳୀ ହେବ ବୋଲି ବିଧାୟକ ପ୍ରକାଶ କରିଥିଲେ। ମିଶ୍ରଣ ପର୍ବରେ ବିଧାୟକଙ୍କ ସମେତ ପୂର୍ବତନ ସମିତିସଭ୍ୟ ରମେଶ ଚନ୍ଦ୍ର ପତି, ବୁଦ୍ଧଦେବ ଜେନା, କୁଳମଣି ଶତପଥୀ, ନରେନ୍ଦ୍ର ଦାଶ, ଅଶୋକ ପତି, କମଳାକାନ୍ତ ପତି, ଧରଣୀଧର ଯେନା ପ୍ରମୁଖ ଉପସ୍ଥିତ ଥିଲେ।

# ଛାତ୍ରୀଛାତ୍ର ଲଗାଇଲେ ୫୦ ଚାରା

ସିମୁଳିଆ, ୨୬।୭(ସନ୍ତୋଷ କୁମାର ନାୟକ)

ବୃକ୍ଷ ପ୍ରାଣୀ ଜଗତର ପରମ ବନ୍ଧୁ। ଜୀବନ ଧାରଣ ପାଇଁ ବୃକ୍ଷଲତାର ଆବଶ୍ୟକତା ଅତି ଗୁରୁତ୍ୱପୂର୍ଣ୍ଣ ସନ୍ଦେଶ ନେଇ ସୋମବାର ସିମୁଳିଆ ବ୍ଲକର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରମାନେ ବିଭିନ୍ନ ଚାରାରୋପଣ କରିଛନ୍ତି। ବିଦ୍ୟାଳୟର ଅଧକ୍ଷ ଦିଲ୍ଲୀପ କୁମାର ମହାରଣାଙ୍କ ଅଧକ୍ଷତାରେ ବିଦ୍ୟାଳୟ ପରିସରରେ ସବୁଜ ବିଦ୍ୟାଳୟ ଅଭିଯାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବେଗୁନିଆ ଅଞ୍ଚଳର ପ୍ରକୃତି ବନ୍ଧୁ ପୂର୍ଣ୍ଣଚନ୍ଦ୍ର ଷେଣ୍ଡ ଓ ଗଜେନ୍ଦ୍ର ପ୍ରସାଦ ମଲ୍ଲିକଙ୍କ ସହଯୋଗରେ ଛାତ୍ରୀଛାତ୍ରମାନେ ବଉଳ, ଦେବଦାରୁ, ଚମ୍ପା, ମନ୍ଦାର ଇତ୍ୟାଦି ବିଭିନ୍ନ ଚାରାରୋପଣ କରିଥିଲେ। ଭାରତୀୟ ଦର୍ଶନରେ ବୃକ୍ଷକୁ ଦେବତା ରୂପେ ବର୍ଣ୍ଣନା କରାଯିବା ସମ୍ପର୍କରେ ଓଡ଼ିଆ ଶିକ୍ଷକ ରତିକାନ୍ତ ଦାଶ ସୂଚନା ପ୍ରଦାନ କରିଥିଲେ। ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ମଧରେ ମମତା ଦେ, ସତ୍ୟବ୍ରତ ମଲ୍ଲିକ, ଶୁଭେନ୍ଦୁ ଶେଖର ଦାସ, ଭାଗିରଥୀ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।


ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ଛାତ୍ରୀଛାତ୍ର।

